



## ଜଙ୍ଗଲରୁ ୫୦୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୧୫।୩(ଦୁର୍ଯ୍ୟୋଧନ ପାତ୍ର)

ଚିତ୍ରକୋଣ୍ଡା ପୋଲିସ ସଙ୍ଗମଗୁଡ଼ା ଅଞ୍ଚଳରେ ଥିବା ଜଙ୍ଗଲରେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି ୨୦ଟି ଜରି ବସ୍ତା ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପଶେଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାନୁ ପାଙ୍ଗି। ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ସୂଚନା ଅନୁଯାୟୀ, ଗୁରୁବାର ରାତ୍ରିରେ ପୋଲିସର ଏକ ଟିମ ପାଟ୍ରୋଲିଂ କରୁଥିବାବେଳେ ସଙ୍ଗମଗୁଡ଼ା ଜଙ୍ଗଲରେ ଗଞ୍ଜେଇ ଚାଲାଣ ପାଇଁ ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ପୋଲିସ ସାଙ୍ଗେ ସାଙ୍ଗେ ଜଙ୍ଗଲକୁ ତଲାସି ଆରମ୍ଭ କରିଥିଲା । ୨୦ଟି ଜରି ବସ୍ତାରେ ଥିବା ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଧରି ଥାନାକୁ ଆଣିଥିଲା । ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବା ପରେ ତାହା ୫୦୨ କେଜି ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏ ନେଇ ଚିତ୍ରକୁଣ୍ଡା ଥାନାରେ ୬୯/୨୪ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକା କହିଛନ୍ତି।

## ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଦାବି ପୂରଣ ନ ହେଲେ ସରକାରଙ୍କ କାର୍ଯ୍ୟକ୍ରମରେ ଅସହଯୋଗ**

ମାଲକାନଗିରି, ୧୫।୩ (ଦୁର୍ଯ୍ୟୋଧନ ପାତ୍ର)


ସାମ୍ବାଦିକମାନେ ଦାବିପତ୍ର ଦେଉଛନ୍ତି।

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ଓ ମାଲକାନଗିରି ସାମ୍ବାଦିକ ସଂଘର ଶତାଧିକ ଗଣମାଧ୍ୟମ ପ୍ରତିନିଧି ଶୁକ୍ରବାର ଏକାଠି ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଳା ବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏକ ୫ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସମଗ୍ର ରାଜ୍ୟର ୩୦ଟି ଜିଲା ଖବରଦାତାମାନେ ଦୀର୍ଘ ଏକବର୍ଷ ଧରି ସେମାନଙ୍କ ନ୍ୟାଯ୍ୟ ଦାବି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ଗଣମାଧ୍ୟମ ପ୍ରତିନିଧିଙ୍କ ଦାବିକୁ ସରକାର ଗ୍ରହଣ କରିନାହାନ୍ତି। ଫଳରେ ସଂଘ ପକ୍ଷରୁ ଏହାର ପ୍ରତିବାଦ କରାଯାଇ ତୁରନ୍ତ ସେମାନଙ୍କ ଦାବି ପୂରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହା ନ ହେଲେ ଆଗାମୀ ଦିନରେ ଖବରଦାତାମାନେ ସରକାରଙ୍କୁ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଥିବା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି। ପାତ୍ର କହିଛନ୍ତି, ବୟସ୍କ ଖବରଦାତାଙ୍କୁ ପେନ୍‌ସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମାତାପିତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ କରିବା, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ପ୍ରେସ ଏକାଡେମୀ ଗଠନ ଆଦି ଦାବି ରହିଛି। ଏହି ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଖବରଦାତାମାନେ ସାରା ରାଜ୍ୟରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ବର୍ଜନ କରିବେ ବୋଲି ମାଲକାନଗିରି ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଭାପତି ଦେବ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦସ, ସୀମାଞ୍ଚଳ ପାଣିଗ୍ରାହୀ, ଅପୂର୍ବ ଥଣ୍ଡର, ରାହୁଲ ଗଲରି, ମାଣିକ ବାଛାଡ, ଭଗବାନ ସାହୁ, ଶିବପ୍ରସାଦ ଦାସ, ହୃଷୀକେଶ ସେଠୀ, ବିଦ୍ୟୁତ୍ ବୈରାଗୀ, ସତ୍ୟନାରାୟଣ ସୁବୁଦ୍ଧି, କ୍ଷୀରୋଦ ବେହେରା, ବିଦେଶୀ ଗୌଡ, ଅଜୟ ସିକଦାର, ବସନ୍ତ ଜେନା, ଶିବ ଖରାଙ୍କ ସହ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

## ଜନଜାତି ଜୀବିକା ସାଥୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି, ୧୫।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଓଟିଇଏଲ୍‌ପି ସଭାଗୃହରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୭୦ରୁ ଉର୍ଦ୍ଧ୍ୱ ଜନଜାତି ଜୀବିକା ସାଥୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନଜାତି ଜିବିକା ସାଥୀଙ୍କ ଉତ୍ତମ ଗୁଣ, କୃଷିଭିତ୍ତିକ କାର୍ଯ୍ୟକ୍ରମ, ଚାଷ ସମ୍ବନ୍ଧୀୟ ସମୃଦ୍ଧି ଜ୍ଞାନ ବିକାଶ, ନିଜ ଅଞ୍ଚଳର ବିକାଶ ପାଇଁ ସ୍ଥାନୀୟ ସମ୍ପ୍ରଦାୟଙ୍କ ସହିତ କାର୍ଯ୍ୟ କରିବା ପାଇଁ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଚିହ୍ନଟ, ନିଜ ଅଞ୍ଚଳର ବିକାଶ ପାଇଁ ସମୟ ଦେଉଥିବା ଆଗ୍ରହୀ ବ୍ୟକ୍ତିଙ୍କୁ ଚିହ୍ନଟ, ସଚ୍ଚୋଟ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ନେବାର ସମ୍ପୃକ୍ତି ଥିବା ବ୍ୟକ୍ତିଙ୍କ ଚୟନ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିପାରୁଥିବା ବ୍ୟକ୍ତିଙ୍କ ଚିହ୍ନଟ, ସମସ୍ତ ନଥିପତ୍ର ଅଦ୍ୟତନ ରଖୁଥିବା ବ୍ୟକ୍ତି, କ୍ଲଷ୍ଟର ଅଞ୍ଚଳର ସମସ୍ତ କୃଷକ ଓ ଅନ୍ୟ ହିତାଧିକାରୀଙ୍କୁ ଜନଜାତି ଜୀବିକା ପରିଷଦରେ ସାମିଲ କରିବା, ନିୟମିତ ମାସିକ ବୈଠକ କରିବା, ବହୁମୁଖୀ କମ୍ୟୁନିଟି କେନ୍ଦ୍ର ଚୟନ ଓ ଯୋଜନା ପ୍ରସ୍ତୁତି, କୃଷି ଋତୁକୁ ଭିତ୍ତିକରି ବର୍ଷଯାକ ଫସଲ ଯୋଜନା କରିବା, ଜଳସେଚନ, ପ୍ରାଣୀପାଳନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା୍ ସହ ଯୋଜନାଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ଖିଲ, ବିଶ୍ୱନାଥ ମିଶ୍ର, ପ୍ରକଳ୍ପ ମ୍ୟାନେଜର ପ୍ରଗତି ପାଣିଗ୍ରାହୀ ତାଲିମ ପ୍ରଦାନ କରିଥିଲେ।


...

## ୨୩ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ବାଲିମେଲା, ୧୫।୩(ଶିବଦତ୍ତ ସାହୁ)


ପଦିଆ କରସ୍ତା

୨୩ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମାଲକାନଗିରି ଜିଲା ଓର୍କେଲ ପୋଲିସ ଶୁକ୍ରବାର ଗିରଫ କରିଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କାଲିମେଳା ଅଞ୍ଚଳରୁ ତାଙ୍କୁ ଗିରଫ କରିଛନ୍ତି। କୋରୁକୋଣ୍ଡା ବ୍ଲକ ପାଟ୍ରେଲ ଗ୍ରାମରେ ପଦିଆ କରସ୍ତା(୪୬) ଉକ୍ତ ଅଞ୍ଚଳରେ ବେଆଇନ ଭାବେ ବିଭିନ୍ନ କାଠ ସାମଗ୍ରୀ ତିଆରି କରୁଥିଲେ। ସୂଚନାପାଇ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ତାଙ୍କୁ କାମ ବନ୍ଦ କରିବାକୁ କହିଥିଲେ। ଏଥିରେ ପଦିଆ ରାଗିଯାଇ ଘରୁ ଧନୁ ଆଣି ବନ ବିଭାଗ କର୍ମଚାରୀଙ୍କ ଉପରକୁ ତୀର ମାରିବାକୁ ଉଦ୍ୟମ କରିଥିଲେ। ବନ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଏନେଇ ଗତ ୨୦୦୧ରେ ପଦିଆଙ୍କ ବିରୋଧରେ କେସ୍ ନମ୍ବର ୩୭୦/୨୦୦୧ ଦଫାରେ ମାମଲା ରୁଜୁ କରାଯାଇଥିଲା। କିଛିମାସ ପରେ ପଦିଆ ଜାମିନରେ ଆସିବା ପରେ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ଫଳରେ ତାଙ୍କ ନାମରେ ଜମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଗୁରୁବାର ପଦିଆଙ୍କୁ କାଲିମେଳା ଅଞ୍ଚଳରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।







**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Truck-23-24-34

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ନିମନ୍ତେ ଭାରତୀୟ ରେଳପଥର ବିଭିନ୍ନ ୟୁନିଟ୍‌ଗୁଡ଼ିକର ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନ ପର୍ଯ୍ୟନ୍ତ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଟ୍ରକ୍ (କ୍ଷମତା: 03,07 MT) ଭଡ଼ା ସୂତ୍ରରେ ନେବା ଏବଂ ଟ୍ରକ୍/ଟ୍ରେଲର (ରେଳବାଇ ଚାହିଦା ଅନୁଯାୟୀ କ୍ଷମତା : 09,13,16,22 MT କିମ୍ବା ଉଚ୍ଚ କ୍ଷମତା) ଭଡ଼ା ସୂତ୍ରରେ ନେବା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 34,77,436/-, EMD (ଟଙ୍କାରେ) : 69,600/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.03.2024 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.04.2024 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-1175/O/23-24



**छ.ग. राज्य बीज एवं कृषि विकास निगम लिमिटेड**
**(छ.ग. शासन का उपक्रम)**
**"बीज भवन" तेलीबांधा, पो. रविग्राम, रायपुर**

कं./मुख्या./बी.कृ.वि.नि./स्था/EOI/ 2023-24/13924 दिनांक 14.03.2024

**रुचि की अभिव्यक्ति**

छ.ग. राज्य बीज एवं कृषि विकास निगम लि. के मुख्याल एवं निगम के विभिन्न ईकाईयों में आउटसोसिंग के माध्यम से मैनपावर की व्यवस्था हेतु मैनुअल ई.ओ.आई. आमंन्तित है। विस्तृत विवरण निगम की वेबसाईट www.Agriportal.cg.nic.in/beejnigam पर देखा जा सकता है एवं रूपये 5900/- (5000+900) 18 प्रतिशत जी.एस.टी. सहित भुगतान कर ई.ओ.आई. प्रपत्र मुख्यालय से (कार्यालयीन दिवस में प्रातः 10 बजे से सायं 5.00 तक) प्राप्त किया जा सकता है।

मुहरबंद ई.ओ.आई. प्रकाशन दिनांक से दिनांक 15.04.2024 तक बीज निगम मुख्यालय, रायपुर, ई.ओ.आई. बॉक्स, कक्ष क्रमांक 11 मे अपरान्ह 03.00 बजे तक स्वीकार किये जायेंगे एवं उसी दिन खोले जावेंगे।

S-40104/4 — प्रबंध संचालक


## ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ବିଧାୟକ


ବିଧାୟକ ତାରାପ୍ରସାଦ ବାହିନୀପତି ବିକାଶମୂଳକ କାର୍ଯ୍ୟ ଉଦ୍‌ଘାଟନ କରୁଛନ୍ତି।

ଜୟପୁର, ୧୫।୩(ପବନ ପାଣିଗ୍ରାହୀ)–

ଜୟପୁରଠାରେ ବିଭିନ୍ନ ବିକାଶରମୂଳକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ଜୟପୁର ନୂଆସାହି ଏବଂ ବ୍ୟାଙ୍କ କଲୋନୀ ଠାରେ ବାହିନୀପତି ସ୍ପୋର୍ଟସ ପାର୍କ ଏବଂ ପାର୍କ ଉଦଘାଟନ କରିଛନ୍ତି।ଜୟପୁର ଟାଉନରେ ମଧ ବିଭିନ୍ନ ୱାର୍ଡରେ ବିକାଶମୂଳକ କାର୍ଯ୍ୟ ଉଦ୍‌ଘାଟିତ ହୋଇଛି। ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏସବୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ନରେନ୍ଦ୍ରମହାନ୍ତି,ଉପାଧକ୍ଷ ବି. ସୁନିତା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର,କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, କାଉନସିଲ ଯଶପାଳ ସିଂ ଯୋଗ ଦେଇଥିଲେ।

## ଜଙ୍ଗଲ ନିଆଁ ନିବାରଣ ସଚେତନତା କର୍ମଶାଳା

କାଲିମେଳା, ୧୫।୩(ଜୀବନକୃଷ୍ଣ ଦାସ)

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ମାଲକାନଗିରି ଜିଲା କାଲିମେଳା ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିବାରଣ ନେଇ ଏକ ସଚେତନତା ଶିବିର ଶୁକ୍ରବାର ବନ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏଥିରେ ଜଙ୍ଗଲ ନିଆଁର ନିରାକରଣ ଏବଂ ପ୍ରତିକାର ଲାଗି ଜନ ପ୍ରତିନିଧି ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ କାଲିମେଳା ଅଗ୍ନିଶମ ଅଧିକାରୀ ଗୁପ୍ତେଶ୍ୱର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜଙ୍ଗଲକୁ କିପରି ନିଆଁ ଦାଉରୁ କିପରି ରକ୍ଷା କରାଯାଇ ଧନଜୀବନ ରକ୍ଷା କରାଯାଇପାରିବ ସେନେଇଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଲିମେଳା ବନାଞ୍ଚଳ ଅଧିକାରୀ ଟଙ୍କଧର ଦାସ, ଡାକ୍ତର ମୁକ୍ତିକାନ୍ତ ମଲ୍ଲିକ, ସମାଜିକ କର୍ମୀ ଜୀବନକୃଷ୍ଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଏସିଏଫ୍‌ଓ ମୋନସୁନ ଖେମୁଣ୍ଡୁ ଯୋଗ ଦେଇ ଜଙ୍ଗଲରେ ନିଆଁ ନ ଲଗାଇ ପନିପରିବା ଚାଷକରିବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ, ନିଆଁ ଲଗାଉଥିବା ବେଳେ ଯଦି କେହି ଚିହ୍ନଟ ହୁଅନ୍ତି ତାଙ୍କୁ ୭ ବର୍ଷ ଯାଏ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରାଯିବାର ବ୍ୟବସ୍ଥା ଆଇନରେ ଥିବା ସେ ପ୍ରକାଶ କରିଥିଲେ। ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିଲେ।


**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, सरायकेला–खरसावाँ।**

**"स्थगन सूचना"**

पथ निर्माण विभाग, पथ प्रमंडल, सरायकेला–खरसावाँ द्वारा आमंत्रित Tender Reference No. RCD/SERAIKELLA/20 दिनांक 11.03.2024 तथा पी०आर० संख्या–PR 322364 Road (23-24)#(D) द्वारा प्रकाशित निविदा को अपरिहार्य कारणों से स्थगित किया जाता है ।

कार्यपालक अभियंता,
पथ निर्माण विभाग, पथ प्रमंडल,
सरायकेला–खरसावाँ ।

PR 322821 (Road) 23-24 (D)



प्रपत्र सं०–1

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, देवघर।**

**ई–प्रोक्योरमेंट सूचना**

अल्पकालीन ई–निविदा प्रसंग सं०– NH/DEOGHAR /SBD/06/2023-24 (2nd Call)
दिनांकः– 12.03.2024

| | | |
|---|---|---|
| 1. | कार्य का नाम | IRQP/Repair work of remaining part of NH-80 from ch. 193.000 to ch. 215.000 (Total Length - 22.000 km) under National Highway Division Deoghar for the year 2023-24. |
| 2. | प्राक्कलित राशि (रूपये में) | 15,21,00,680.44 |
| 3. | कार्य समाप्ति की अवधि | 06 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 15.03.2024 (17:00 Hrs) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 01.04.2024 (16:00 Hrs) |
| 6. | निविदा खोलने की तिथि एवं समय | 02.04.2024 (16:30 Hrs) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा० उ० पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट e-tendering portal of MORTH https://eprocure.gov.in/eprocure/app पर देखें।

ह०/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर।

PR.NO.322742 Deoghar(23-24):D



On the Eve of Padmashree Dr. Krutartha Acharya's Birth Anniversary

**SPECIAL HANDLOOM EXPO**

ପଦ୍ମଶ୍ରୀ ଡ଼କ୍ଟର କୃତାର୍ଥ ଆଚାର୍ଯ୍ୟଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ

**ସ୍ୱତନ୍ତ୍ର ହସ୍ତତନ୍ତ ମେଳା**

AT Ekamra Haat, Unit -III, Bhubaneswar
From : 15.03.2024 to 31.03.2024, Time : 11.00 AM to 9.00 PM

*Inauguration on*
**16th March, 2024 at 11.30 AM**

Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.

Sponsored by :
Directorate of Textiles, Government of Odisha

All are Cordially invited to the Inaugural Function

Sri Hrushikesh Mahali, Managing Director
Sri Sambit Kumar Acharya, President



**e-Procurement Cell**
**OFFICE OF THE EXECUTIVE ENGINEER**
**BUILDING CONSTRUCTION DEPARTMENT**
**BUILDING DIVISION NO. – 1, RANCHI**
**(Behind State Guest House Morhabadi) Dindayal Nagar Booty Road Ranchi-834008**

**e-Procurement Notice**
**Date – 15-03-2024**

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/29/ 2023-24 | Renovation of Central Library Building abd Information and Knowledgment e-Centre at Ranchi University Campus, Morabadi Ranchi | 17720700.00 | Six Month |
| 2 | Last Date/Time of Submission of Bids | | 04-04-2024 at 02.00 PM | |
| 3 | Date/Time of Opening of Bid | | 05-04-2024 at 03.00 PM | |
| 4 | Helpline Number of e-procurement Cell | | 8527519262 | |
| 5 | e-mail ID | | eebcddiv1ranchi@gmail.com | |

Note :- Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in
Any Change can be on Website http://Jharkhandtenders.gov.in
Any Other information can be on Website http://Jharkhandtenders.gov.in

Executive Engineer
Building Construction Department
Building Division No. 1, Ranchi

PR.NO.322827 Building(23-24):D

## ସଂକ୍ଷେପରେ

### ଦୃଷ୍ଟିହୀନ ମହିଳାଙ୍କ ଚିକିତ୍ସା ପାଇଁ ସହାୟତା ଦାବି



ପଦ୍ମପୁର, ୧୫।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାପଦର ଗ୍ରାମର ଜଣେ ଦୃଷ୍ଟିହୀନ ଆଦିବାସୀ ମହିଳା ଗ୍ରାମବାସୀଙ୍କ ଆର୍ଥିକ ସହାୟତାରୁ ଆଖି ଅପରେସନ କରିଛନ୍ତି। ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ସେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରିବାକୁ ହେଲେ ଅଧିକ ଚିକିତ୍ସା ପାଇଁ ଅଧିକ ଟଙ୍କାର ଆବଶ୍ୟକ ରହିଛି। ଆଦିବାସୀ ମହିଳା ଜଣଙ୍କ ଗରୀବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ଖିଲାପଦର ଗ୍ରାମର ଉଷା ଶବର (୨୫) ଗତ ୨ବର୍ଷ ତଳେ ଗର୍ଭବତୀ ଥିବା ସମୟରେ କୌଣସି କାରଣରୁ ଦୃଷ୍ଟିଶକ୍ତି ହରାଇଥିଲେ। ଦୃଷ୍ଟିହୀନ ଉଷା ଏବେ ୨ଟି ଛୋଟ ପିଲାଙ୍କୁ ଧରି ନିଜ ବୃଦ୍ଧା ମା' ପାଖରେ ରହୁଛନ୍ତି। ତାଙ୍କର ଏହି ଏଭଳି ଦୟନୀୟ ଅବସ୍ଥା ଦେଖି ଗ୍ରାମବାସୀ ଚାନ୍ଦା କରି ଗତ ୧୫ଦିନ ତଳେ ଉଷାଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଚକ୍ଷୁ ଚିକିତ୍ସାଳୟକୁ ନେଇ ୩୫ ହଜାର ଟଙ୍କା ଖର୍ଚ୍ଚ କରି ଅପରେସନ କରିଥିଲେ। ହେଲେ ସେଠାକାର ଡାକ୍ତର କହିବାକୁ ଅନୁଯାୟୀ, ଆଖିରେ ଲେନ୍ସ ପକାଇବା ପାଇଁ ଆଉ ୨୦ହଜର ଟଙ୍କା ଆବଶ୍ୟକ। ତେଣୁ ବଦାନ୍ୟ, ସଂଗଠନ କିମ୍ବା ପ୍ରଶାସନ ସହାୟତା କଲେ ଆଦିବାସୀ ମହିଳା ଜଣକ ଦୃଷ୍ଟିଶକ୍ତି ଫେରିପାଇବେ ବୋଲି ଉକ୍ତ ଗ୍ରାମର ସଚେତନ ମହିଳା ଭବାନୀ ପଣ୍ଡା କହିଛନ୍ତି। ପଦ୍ମପୁରର ବିପଦର ବନ୍ଧୁ ସଂଗଠନ ପକ୍ଷରୁ ଉଷାଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ସଂଗଠନର ସଦସ୍ୟ ସୁଶାନ୍ତ ସାହୁ କହିଛନ୍ତି।

### ନିର୍ବାଚନ ପରିଚାଳନା ପାଇଁ ଅଧିକାରୀଙ୍କୁ ତାଲିମ

ଚନ୍ଦ୍ରପୁର, ୧୫।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ବିଜ୍ଞାନ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟଵାନ ମହାଜନ ଯୋଗଦେଇ ଉପସ୍ଥିତ ୧୪୦ରୁ ଊର୍ଦ୍ଧ୍ୱ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ଦେଇଥିଲେ। ଇଭିଏମ୍ ଓ ଓ ଭିଭିପିଏଟି କିପରି ସଂଯୋଗ କରାଯିବ, ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶାଲ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ, ବୁଥ୍‌ରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ସେ ସମ୍ପର୍କରେ



ସୂଚନା ଦେଇଥିଲେ। ଏଥିରେ ଗୁଣପୁର ଉପଜିଲାପାଳ କିରଣଦୀପ କୌର, ବିଡିଓ ଅକ୍ଷୟ କୁମାର ମଲିକ, ଚନ୍ଦ୍ରପୁର ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ୯ ଦଫା ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର

ଗୁଡାରି, ୧୫।୩ (ପ୍ରମୋଦ କୁମାର ପତି)

ଗୁଡାରି ସହରର ଯୁବଗୋଷ୍ଠୀ 'ୟୁଥ ଫର ଚେଞ୍ଜ' ସଦସ୍ୟମାନେ ଶୁକ୍ରବାର ଜିଲାପାଳ ମନୋଜ ସତ୍ୟଵାନ ମହାଜନଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅଞ୍ଚଳର ପ୍ରମୁଖ ୯ଟି ସମସ୍ୟା ମୁଖ୍ୟତଃ ଗୁଡାରିରୁ ରାଜଧାନୀକୁ ଓଏସଆରଟିସି ବସ୍ ଚଳାଚଳ, ବିଜ୍ଞାନ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି, ପ୍ରସ୍ତାବିତ ବିଜୁ ଏକ୍ସପ୍ରେସ ୱେ ଗୁଡାରି ନିକଟ ଦେଇ ଯିବା, ଡିଗ୍ରୀ କଲେଜର ସ୍ଥାୟୀ ଗୃହ, ଗୁଡାରି –ବିଷମକଟକ ରାସ୍ତା ଭାୟା କରଲାଘାଟିର ମରାମତି ସହ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର, ପ୍ରସ୍ତାବିତ ବାଲିଗୁଡା– ଗୁଣୁପୁର ଜାତୀୟ ରାଜପଥ ଗୁଡାରି ଦେଇ ଯିବା ନେଇ ଦାବି କରିଥିଲେ। ଦାବିଗୁଡିକ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ତାଙ୍କ ସହ ଗୁଣପୁର ଉପଜିଲାପାଳ କିରଣ ଦୀପ କୌର ସାହୋଟା ଏବଂ ଗୁଡାରି ବିଡ଼ିଓ ଅନିଶା ଦାସ ଉପସ୍ଥିତ ଥିଲେ। ' ୟୁଥ ଫର ଚେଞ୍ଜ' ସଦସ୍ୟ ଦୀପକ ନିମାଲ,ରଞ୍ଜନ କୁମାର ରଥ, ଭି. ଆଦିତ୍ୟ ନାରାୟଣ, ଏସ ମିନକେଶ, ଏମ. ଗୌତମ, ଭି.କଳିକେଶ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।



ୟୁଥ ଫର ଚେଞ୍ଜ ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ସିପିଆଇ (ଏମ୍ଏଲ୍) ଲିବରେଶନର ଜିଲା ସମ୍ମିଳନୀ

ଗୁଣପୁର, ୧୫।୩ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଜଲତାର ପଞ୍ଚାୟତର ଲୁଙ୍ଗୁରୁତାଲ ଗାଁରେ ୨ଦିନ ଧରି ଚାଲିଥିବା ରାୟଗଡ଼ା ସିପିଆଇ (ଏମ୍ଏଲ୍) ଲିବରେସନ ଜିଲା ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ, ଦେଶର ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଛି। କେନ୍ଦ୍ର ସରକାର ଆଜି ଦେଶକୁ ଖଣ୍ଡ ଖଣ୍ଡ କରିଦେବାକୁ ଷଡଯନ୍ତ୍ର କରିଛି ଏବଂ ଦେଶର ସମ୍ପଦକୁ ବଡ ବଡ ପୁଞ୍ଜିପତିଙ୍କୁ ଟେକି ଦେଉଛି। ଦରବୃଦ୍ଧି ଓ ବେକାରୀ ସମସ୍ୟା ମଧ୍ୟ ବଢ଼ି ଚାଲିଛି। ଚାଷୀ ଆତ୍ମହତ୍ୟା କରୁଛନ୍ତି, ଲୁଟ୍ ବଢୁଛି । ଏଥିପାଇଁ ଭାଜପା ଦାୟୀ । ଓଡିଶାର ବିଜେଡି ସରକାର ଲଗାତାର ୨୪ ବର୍ଷ ଶାସନ କରିଛି ହେଲେ, ଦରବୃଦ୍ଧି କମୁନି । ଜଙ୍ଗଲ ଜମି ଅଧିକାର ଆଦିବାସୀଙ୍କୁ ମିଳିଲା ନାହିଁ। ମଜୁରିଆଙ୍କୁ ଉଚିତ ମଜୁରି ମିଳୁନାହିଁ। ସବୁ କଥାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋଦୀଙ୍କୁ ସମର୍ଥନ କରି ଓଡିଶାବାସୀଙ୍କ ପ୍ରତି ବିଶ୍ୱାସ ଘାତକତା କରିଛନ୍ତି। ତେଣୁ ୨୦୨୪ ନିର୍ବାଚନରେ, ଯଦି ଭାଜପା ଓ ବିଜେଡି ମେଣ୍ଟ ହୁଏ, ତେବେ ସେମାନଙ୍କୁ କ୍ଷମତାରୁ ହଟାଇ ଉଚିତ୍ ଜବାବ ଦେବା ପାଇଁ ଗୁଣପୁର ବିଧାନସଭାର ସିପିଆଇ (ଏମ ଏଲ) ଲିବରେସନ ପ୍ରାର୍ଥୀ ଅନାସିମ ଶବରଙ୍କୁ (ତିନି ତାରା ପତାକା) ଚିହ୍ନରେ ଭୋଟ ଦେବା ପାଇଁ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ଗୁଣପୁର, ବିଷମକଟକ, କେ ସିଂପୁର, କାଶୀପୁର, କୋଲନରା, ଲକ୍ଷ୍ମୀପୁର, କୋରାପୁଟ ଜିଲା ନାରାୟଣପାଟଣା, ଗଜପତି ଜିଲାର ଶତାଧିକ ନେତା କର୍ମୀ ଉପସ୍ଥିତ ଥିଲେ।

ଉପସ୍ଥିତ ଥିଲେ । ବୈଠକରେ କର୍ଣ୍ଣେଲ ଗମାଙ୍ଗ, ସଞ୍ଜୀବ ଶବର, କୃଷ୍ଣ ତାଡିଙ୍ଗି, ପ୍ରକାଶ ହିକ୍କା, ଆଛାନା ମଣ୍ଡାଙ୍ଗି, ମୋଜେସ ବିଡିକା, ମିନ ଶବର, ରାମଚନ୍ଦ୍ର ପ୍ରାସ୍କା, ବୃନ୍ଦାବନ ବିଡିକା, କୈଳାସ ଶବର, ମେଦିରି ଗରଡିଆ, କୃଷ୍ଣ ତାଡିଙ୍ଗି, କରୁଣାକର ଲିମା, ମାଥ୍ୟୁରଇତ, ରାଇନା ଶବର, ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।





ସମ୍ମିଳନୀରେ ଉପସ୍ଥିତ ସିପିଆଇ (ଏମ୍ଏଲ୍) ଲିବରେଶନ କର୍ମକର୍ତ୍ତା।

## ଓୟୁଜେ ରାୟଗଡ଼ା ଶାଖାର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ





ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଖବରଦାତାମାନେ ପ୍ରତିବାଦ କରୁଛନ୍ତି।

ଗୁଣପୁର, ୧୫।୩(ପ୍ରଦୀପ କୁମାର ପାଢ଼ୀ)

ଓଡ଼ିଶା ୟୁନିୟନ୍ ଅଫ୍ ଜର୍ନାଲିଜିମ୍ (ଓୟୁଜେ)ର ଆହ୍ୱାନକ୍ରମେ ଶୁକ୍ରବାର ଖବରଦାତାଙ୍କ ସୁରକ୍ଷା ଆଇନ ଓ ପେନସନ ଦାବିରେ ପ୍ରତିବାଦ ଦିବସ ଭାବେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଓୟୁଜେ ରାୟଗଡ଼ା ଜିଲା ଶାଖା ସମର୍ଥନ କରି ଜିଲା ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ମିଳିତ ହୋଇ ଗୁଣପୁର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ସରକାର ସମସ୍ତଙ୍କ ଦାବି ପୂରଣ କରୁଥିବାବେଳେ ସେମାନଙ୍କ ମୌଳିକ ଦାବି ପୂରଣ କରି ନ ଥିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୟୁନିଅନ ସାଧାରଣ ସମ୍ପାଦକ ରଞ୍ଜିତ ପାଢ଼ୀ, ପ୍ରଦୀପ ପାଢ଼ୀ , କେ. ସୋମେଶ୍ୱର ରାଓ, ଇନ୍ଦ୍ରଜିତ ପଣ୍ଡା, ଜନାର୍ଦ୍ଦନ ମହାପାତ୍ର, ବି. ସତିଶ କୁମାର, ଚିନ୍ମୟ ପାଣିଗ୍ରାହୀ, ମୁନା ପାଣି, ରାଜେଶ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଦାବିକୁ ସମର୍ଥନ ଜଣାଇ ଗୁଣପୁର ମିଡ଼ିଆ କ୍ଲବର ସଭାପତି ଅନିଲ ସାହୁକାର, ବିଭୁ ଶତପଥୀ, ଦୀପକ ପଣ୍ଡା, ସୁନିଲ ସାବତ ପ୍ରମୁଖ ସାମିଲ ହୋଇ ପ୍ରତିବାଦ କରିଥିଲେ ।

## କୋଲନରା ରାଜସ୍ୱ ସହାୟକଙ୍କ ସହକାରୀ ଜିଲାପାଳ ଭାବେ ପଦୋନ୍ନତି

କୋଲନରା, ୧୫।୩(ମାନସ ରଞ୍ଜନ ମିଶ୍ର)

କୋଲନରା ବ୍ଲକର କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ଭବାନୀ ଶଙ୍କର ମିଶ୍ର ସହକାରୀ ଜିଲାପାଳ ଭାବେ ପଦୋନ୍ନତି ପାଇ କୋରାପୁଟ ଉପ ଜିଲାପାଳ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଛନ୍ତି। ମିଶ୍ର କନିଷ୍ଠ ରାଜସ୍ୱ ସହାୟକ ଭାବେ ପ୍ରଥମେ ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ, ପରେ ଗୁଡାରି ତହସିଲ କାର୍ଯ୍ୟାଳୟ, ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ପରେ ଆଇଟିଡିଏ କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟକ ଭାବେ ପଦୋନ୍ନତି ପାଇ ଯୋଗଦେଲେ। ସେଠାରୁ ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ କୋଲନରା ବ୍ଲକ କାର୍ଯ୍ୟାଳୟକୁ ବଦଳି ହୋଇ ଆସିଥିଲେ। ଏହି ଅବସରରେ ଶୁକ୍ରବାର କୋଲନରା ବ୍ଲକରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଡ଼ିଓ ରୀନା ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣ ପାତ୍ର, ଆକାଉଣ୍ଟସ ଅଫିସର ଗଣେଶ୍ୱର ଭଙ୍ଗ, ସେକ୍ସନ ଅଫିସର ବାଳକୃଷ୍ଣ ରଥ, ଜିପିଇଓ ପ୍ରଶାନ୍ତ କୁମାର ପାଢୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ମୁନିଗୁଡ଼ା, ୧୫।୩ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ଡିଗ୍ରୀ କଲେଜର ଜାତୀୟ ସେବା ସଂସ୍ଥା ପକ୍ଷରୁ ଗୋବର୍ଦ୍ଧନ ଗ୍ରାମରେ ଚାଲିଥିବା ୭ ଦିନିଆ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ଜାଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପ୍ରାକ୍ତନ ସଂଯୋଜକ ଅଧ୍ୟାପକ ରମାକାନ୍ତ ଚିଟ୍ଟିଆନ, ଅଧ୍ୟାପକ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବିଶ୍ୱନାଥ ନାୟକ, ରୀତୁ କାତି ଏବଂ ପ୍ରମିତା ଗୌଡ଼, ଗ୍ରନ୍ଥାଗାରିକ ବାଳକୃଷ୍ଣ ବାଣୁଆ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କ ଉତ୍ସାହ ବଢ଼ାଇଥିଲେ। ସଂଯୋଜକ ଅଧ୍ୟାପକ ଅସିତ କୁମାର ମହାନ୍ତି ଗ୍ରାମର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା, ଅଶିକ୍ଷିତ ଲୋକଙ୍କୁ ଶିକ୍ଷାର ଗୁରୁତ୍ୱ ବିଷୟରେ ବୁଝାଇବା,ଫାଇଲେରିଆ ନିରାକରଣ, ଗ୍ରାମ୍ୟ ପରିମଳ ଓ ନାଟକ 'ମୁଁ ବି ଭୋଟ ଦେବି' ମାଧ୍ୟମରେ ଲୋକଙ୍କୁ ଭୋଟର ମହତ୍ତ୍ୱ ବୁଝାଇଥିଲେ।

## ପୋଲିଂ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ତାଲିମ

ଗୁଣପୁର, ୧୫।୩(ପ୍ରଦୀପ କୁମାର ପାଢ଼ୀ)

ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗୁଣପୁର ମହାବିଦ୍ୟାଳୟର ୪ଟି କକ୍ଷରେ ତାଲିମ ଦିଆଯାଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟଵାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଉପ ଜିଲାପାଳ କୀରଣ ଦୀପ କୌରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜି, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ସାମାଜିକ ସୁରକ୍ଷା ଅଧିକାରୀ ଏଲ. ସନ୍ତୋଷ କୁମାର, ମଙ୍ଗଳ ଅଧିକାରୀ ସୁରଜ ନାୟକ ପ୍ରମୁଖ ତାଲିମ ଦେଇଥିଲେ । ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶାଲ କେନ୍ଦ୍ରରୁ ବୁଥ ପର୍ଯ୍ୟନ୍ତ ଯିବେ, ବୁଥରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ତାହା ବୁଝାଇଥିଲେ । ଇଭିଏମ ସଂଯୋଗୀକରଣ, ଭିଭିପିଏଟି ବିଷୟରେ ସଚେତନ, ମୋକ ପୋଲ, ଚିହ୍ନିତ ଭୋଟର ତାଲିକା ଆଦି ବିଷୟରେ ସରଳ ଭାବେ ଟ୍ରେନିଂ ଦେଇଥିଲେ । ଭୋଟଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହ ଭୋଟଦାନ ପ୍ରକ୍ରିୟା କିପରି କରିପାରିବେ, ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରତି ୨ଘଣ୍ଟାକୁ ଥରେ ଭୋଟ ଗ୍ରହଣ ବିଷୟରେ ସୂଚନା ଦେବାକୁ ତାଲିମ ଦେଇଥିଲେ । ପ୍ରତ୍ୟେକ ପୋଲିଂ ଅଧିକାରୀ ଭୋଟ ଗ୍ରହଣ ଦିନ ନିଜ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବାରେ ସଫଳ ହେଲେ ହିଁ ଗଣତନ୍ତ୍ରର ନିର୍ବାଚନ ଭଳି ପବିତ୍ର କାର୍ଯ୍ୟ ସଫଳ ହୋଇପାରିବ ବୋଲି ଉପ ଜିଲାପାଳ ମତବ୍ୟକ୍ତ କରିଥିଲେ। ରାୟଗଡ଼ା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଗୁଣପୁର ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ ପ୍ରମୁଖ ତାଲିମ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ୧୫ରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମ ୧୮ ତାରିଖ ପର୍ଯ୍ୟନ୍ତ ସକାଳ ୯.୩୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଥିଲେ । ବ୍ଲକ, ତହସିଲ, ପୌର କାର୍ଯ୍ୟାଳୟର କର୍ମଚାରୀ ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିଷମ କଟକରେ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ



ହିତାଧିକାରୀଙ୍କୁ ଅତିଥିମାନେ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କରୁଛନ୍ତି ।

ବିଷମ କଟକ, ୧୫।୩ (ବିଭୂତି ଭୂଷଣ ନାୟକ)

ବିଷମ କଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବି ଏସକେୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ପାଇକଡା କୁଲୁଗୁଡା ସରପଞ୍ଚ ବାସନ୍ତି ହିକ୍କା, ସାହାଡା ସରପଞ୍ଚ ଚନ୍ଦ୍ରାବତି କୁଝୁରିକା, ଚାଙ୍ଗଡାଗୁଡା ସରପଞ୍ଚ ଚଞ୍ଚଳା ୱାଡକା, ଡୁକୁମ ସରପଞ୍ଚ ଜୟନ୍ତି ସାରକା, ସହକାରୀ ଯନ୍ତ୍ରୀ ପ୍ରତ୍ୟୁସ ତ୍ରିପାଠୀ ମଞ୍ଚାସୀନ ଥିଲେ । ବିଏସ୍‌କେୱାଇ ଉପଦେଷ୍ଟା ଦାସ ମୁଖ୍ୟମନ୍ତ୍ରୀ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶାର ବାର୍ତ୍ତା ଦେବା ସହ ଏହି ବିଏସକେୱାଇ ନବୀନ କାର୍ଡ ବଣ୍ଟନର ମୁଖ ଉଦ୍ଦେଶ୍ୟ ଓ ଏହାର ଉପକାରିତା ଉପରେ ଆଲୋକପାତ କରଥିଲେ। ପ୍ରଥମ ପର୍ଯ୍ୟାୟରେ ବିଷମକଟକ ବ୍ଲକର ୨୦ଜଣ ହିତାଧିକାରୀଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କରିଥିଲେ । ସମୁଦାୟ ୨୧୩ଜଣ ହିତାଧିକାରୀ ପଞ୍ଜୀକରଣ କରିଥିବାବେଳେ ଆଗାମୀ ଦିନରେ ସମସ୍ତ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯିବ ବୋଲି ଯୋଗାଣ ଅଧିକାରୀ ଦେବଦତ୍ତ ଲେଙ୍କା ସୂଚନା ଦେଇଛନ୍ତି।

## ଖବରଦାତାଙ୍କ ସହ ଜିଲା ଭାଜପା କମିଟିର ଆଲୋଚନା

ରାୟଗଡ଼ା, ୧୫।୩ (ଆଶିଷ ରଞ୍ଜନ ପଣ୍ଡା)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା ଓ ଖବରଦାତା।

ଖବରଦାତାଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲା ଭାଜପା କମିଟି ଏକ ଖବରଦାତା ସମ୍ମିଳନୀ କରି ଖବରଦାତାଙ୍କ ସହ ଆଲୋଚନା କରିଛି। ରାଜ୍ୟ ସରକାର ଖବରଦାତାଙ୍କ ବିଭିନ୍ନ ଦାବି ପୂରଣ କରିବାକୁ ଜିଲା ଭାଜପା କମିଟି କହିଛି । ଭାଜପାର ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବସନ୍ତ ଉଲାକାଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଖବରଦାତା ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ବାଦଲ ତା, ରଞ୍ଜନ ରଥ, ଦୀପକ ପୃଷ୍ଟି, ଯୋଗେଶ୍ୱର ଦାସ ପ୍ରମୁଖ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟରତ ଖବରଦାତାଙ୍କୁ ରେଲୱେ ପାସ୍, ମୃତ ଖବରଦାତାଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ, କୋଭିଡ଼ରେ ମୃତ୍ୟୁବରଣ କରିଥିବା ଖବରଦାତାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, କମ୍ ସୁଧରେ ବ୍ୟାଙ୍କ ଋଣ ପ୍ରଦାନ, ଆଇଆଇଏମ୍‌ସି ଅନୁଷ୍ଠାନରେ ତାଲିମ ଓ ତାଲିମ୍ ଖର୍ଚ୍ଚ ପ୍ରଦାନ ଆଦି ଦାବି ଉପରେ ବରିଷ୍ଠ ଖବରଦାତା ଆଲୋକପାତ କରିଥିଲେ । ସେହିଭଳି ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ଓ ବସନ୍ତ ଉଲାକା ଏ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହିତ କେନ୍ଦ୍ର ସରକାରଙ୍କୁ ମଧ୍ୟ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପୋତିହୋଇଗଲାଣି ଡ୍ରେନ୍, ରାସ୍ତାରେ ବୋହୁଛି ନର୍ଦ୍ଦମାପାଣି

ଜେକେପୁର, ୧୫।୩ (ନିଧି ଗଣ୍ଡେଚା)

ନିକଟରେ ନୂତନ ଏନ୍ଏସି ମାନ୍ୟତା ପାଇଥିବା ଚାନ୍ଦିଲି ଅଧୀନ ଜେକେପୁର ସହର ବିଭିନ୍ନ ସାହିର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘ ଦିନରୁ ଡ୍ରେନ୍ ସଫା ହୋଇ ନ ଥିବାରୁ ରାସ୍ତା ଉପରେ ନର୍ଦ୍ଦମା ପାଣି ଭାସୁଥିବା ଦେଖିବାକୁ ମିଳିଛି । ଜେକେପୁର ସହରର ଆଜାଦ୍ ନଗର ସାହିର ଡ୍ରେନଗୁଡ଼ିକ ସଫେଇ କରାଯାଉ ନ ଥିବାରୁ ପୋତି ହୋଇଗଲାଣି । ଫଳରେ ରାସ୍ତା ଉପରେ ପ୍ରବାହିତ ହେଉଛି ଡ୍ରେନର ଦୂଷିତ ପାଣି । ନର୍ଦ୍ଦମା ପାଣିରେ ଛାତ୍ରୀଛାତ୍ର ଓ ଲୋକଙ୍କୁ ଯାତାୟାତ କରିବାକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯଦି ଖରାଦିନେ ଡ୍ରେନ ପାଣି ରାସ୍ତା ଉପରେ ଏଭଳି ପ୍ରବାହିତ ହେଉଛି, ତା'ହେଲେ ବର୍ଷା ଦିନରେ ଘର ଭିତରେ ପାଣି ପଶିବା ଥୟ ବୋଲି ସାହିବାସିନ୍ଦାଙ୍କ ଅଭିଯୋଗ କରିଛନ୍ତି । ଏ ନେଇ ସ୍ଥାନୀୟ ସାହି ବାସିନ୍ଦା ଚାନ୍ଦିଲି ସରପଞ୍ଚ ରାମୁଲୁ ପେଦେଣ୍ଟିଙ୍କୁ ମଧ୍ୟ ଅବଗତ କରାଇଛନ୍ତି ।

ପ୍ରକାଶ ଥାଉକି, ଚାନ୍ଦିଲିର ପରିମଳ ବ୍ୟବସ୍ଥା ଜେକେ ପେପରମିଲର ସିଏସ୍‌ଆର ବିଭାଗ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ତେବେ ଜେକେ ପେପରମିଲ କମ୍ପାନୀ ଏହି ସଫେଇ କାର୍ଯ୍ୟ ଚାନ୍ଦିଲି ପଞ୍ଚାୟତକୁ ଦେଇଛି । ଏହି ବାବଦକୁ ମାସିକ ଖର୍ଚ୍ଚ ମଧ୍ୟ କମ୍ପାନୀ ପଞ୍ଚାୟତକୁ ପଠାଉଛି । ହେଲେ ପଞ୍ଚାୟତ ପକ୍ଷରୁ ଦୀର୍ଘ ଦିନରୁ ଏହି ସଫେଇ କାର୍ଯ୍ୟ ହେଉ ନ ଥିବାରୁ ଜେକେପୁର ସହରର ଅବସ୍ଥା ଏଭଳି ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ପଞ୍ଚାୟତ ପକ୍ଷରୁ ତୁରନ୍ତ ଡ୍ରେନ ସମସ୍ୟାର ସମାଧାନ କରିବାକୁ ଜେକେପୁର ଆଜାଦ ନଗର ଅଞ୍ଚଳର ପ୍ରଭାତ ସ୍ୱାଇଁ, ଦୁର୍ଗା ପାଢ଼ୀ, ବିରେନ୍ ମହାପାତ୍ର, ସୁନୀଲ ପଣ୍ଡା ଓ କେ.ଟି.ନାୟକଙ୍କ ସମେତ ସାହିବାସିନ୍ଦା ଦାବି କରିଛନ୍ତି ।



ଆଜାଦ୍ ନଗର ସାହି ରାସ୍ତାରେ ଭାସୁଛି ନର୍ଦ୍ଦମାପାଣି।

## ଚାନ୍ଦିଲି ଏନ୍ଏସି ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅଞ୍ଚଳବାସୀ

### ଭାସ୍କର ରାଓଙ୍କ ନେତୃତ୍ୱରେ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲେ

ରାୟଗଡ଼ା, ୧୫।୩(ଆଶିଷ ରଞ୍ଜନ ପଣ୍ଡା)

ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାୟଗଡ଼ା ଜିଲା ଅନ୍ତର୍ଗତ ଚାନ୍ଦିଲି ପଞ୍ଚାୟତକୁ ନୂତନ ଏନ୍ଏସି ଭାବେ ଘୋଷଣା କରିଥିଲେ। ପୂର୍ବତନ ରାଜ୍ୟ ସଭା ଏମ୍‌ପି ତଥା ବିଜେଡି ରାଜ୍ୟ ଉପସଭାପତି ଏନ.ଭାସ୍କର ରାଓଙ୍କ ନେତୃତ୍ୱରେ ଚାନ୍ଦିଲି ଓ ଜେକେପୁର ଅଞ୍ଚଳର ବୁଦ୍ଧିଜୀବୀ, ବ୍ୟବସାୟିକ ସଂଘ, ବିଜେଡି ନେତା ଓ କର୍ମୀମାନେ ଭୁବନେଶ୍ୱର ଗସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ରାଜ୍ୟ ସମ୍ପାଦକ ଅମୀୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବିଜେଡ଼ି ଜିଲା ସମ୍ପାଦକ ଗଙ୍ଗାଧର ପୁଆଲା, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ରାୟଗଡ଼ା ଗ ଜୋନ୍ ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ବିଜୁ ଛାତ୍ର ଜନତା ଦଳ ଉପସଭାପତି ଯୋଗେଶ୍ୱର ପେଦେଣ୍ଟି, ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ତପନ ପେଦେଣ୍ଟି, ବିଜୁ ଛାତ୍ର ଜନତା ଦଳର ଟାଉନ ସଭାପତି ପ୍ରବୀଣ କୁମାର, ବିଜୁ ଯୁବ ଜନତା ଦଳ ସମ୍ପାଦକ ହୃଷିକେଶ କୁଲଦୀପ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଏନ୍ଏସି ମାନ୍ୟତା ଦେଇଥିବାରୁ ଚାନ୍ଦିଲି ଓ ଜେକେପୁର ଅଞ୍ଚଳର ଆହୁରି ଅଧିକ ଉନ୍ନତ ଓ ବିକଶିତ ହୋଇପାରିବ ଏବଂ ଏଠାକାର ଜନସାଧାରଣ ସହରାଞ୍ଚଳର ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇପାରିବେ ବୋଲି ଅଞ୍ଚଳବାସୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦିଲି ବଣିକ ସଂଘ, ସମିତି ସଭ୍ୟ, ୱାର୍ଡ଼ମେମ୍ବର, କାପୁ ସଂଘ, ସିଗିଡ଼ି ସଂଘ ଓ ତେଲଗା ସଂଘ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଧନ୍ୟବାଦ ଜଣାଇଥିଲେ ।



ଭାସ୍କର ରାଓଙ୍କ ନେତୃତ୍ୱରେ ନବୀନ ନିବାସରେ ଚାନ୍ଦିଲି ଏନ୍ଏସିର ଶତାଧିକ ବିଜେଡି କର୍ମୀ।

## ସଂକ୍ଷେପରେ

### ପେନସନ, ପ୍ରୋଟେକ୍ସନ ଦାବିରେ ଖବରଦାତାଙ୍କ ଆନ୍ଦୋଳନ

**କୋରାପୁଟ,୧୫।୩(ଅମିତାଭ ବେହେରା)**

ଓଡିଶା ସାମ୍ବାଦିକ ୟୁନିୟନ ଦ୍ୱାରା ଅନୁବନ୍ଧିତ କୋରାପୁଟ ଜିଲା ସାମ୍ବାଦିକ ସଂଘ କର୍ମକର୍ତ୍ତା ଶୁକ୍ରବାର ପେନସନ ଓ ପ୍ରୋଟେକ୍ସନ ଦାବିରେ ଆନ୍ଦୋଳନ କରିଥିଲେ। ଜିଲା ସଭାପତି ଦିଲିପ ମହାନ୍ତିଙ୍କ ନେତୃତ୍ୱରେ ସେମାନେ କଳାବ୍ୟାଜ୍ ପରିଧାନ କରି କୋରାପୁଟ ପ୍ରେସ୍ କ୍ଲବ ପରିସରରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ଦାବିପୂରଣ ପାଇଁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୌରାଜ୍ଞିତା ମାଝି ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗଉଡ଼, କାର୍ଯ୍ୟକାରୀ ସଭାପତି ରଞ୍ଜନ ଦାସ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଘନଶ୍ୟାମ ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶଧର ରାଉତ, ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର, ଉପସଭାପତି ଅମିତାଭ ବେହେରା, ଉପସଭାପତି ପ୍ରତାପ ନିମାଲ, ସମ୍ପାଦକ ଶରତ ଧଳ,ସହ ସମ୍ପାଦକ ସୁବ୍ରତ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଶ୍ରୀକାନ୍ତ ଚୌଧୁରୀ, ସନ୍ତୋଷ ପଲାଇ, ମନୋଜ ନାୟକ, ଅରୁଣ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି, ପଦୋନ୍ନତି ଘଟଣାର ତଦନ୍ତ ଦାବି

**ନବରଙ୍ଗପୁର,୧୫।୩(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଜାଲ ଜାତିଗତ ପ୍ରମାଣ ପତ୍ରର ପ୍ରୟୋଗଶାଳା ପାଲଟିଛି ବୋଲି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ରାଜ୍ୟ ଆବାହକ ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ କହିଛନ୍ତି। ଜିଲାରେ ଅନେକ ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି ଓ ପଦୋନ୍ନତି ପାଇଥିବା ସେ ଅଭିଯୋଗ କରିଛନ୍ତି। ଯେଉଁ ଅଧିକାରୀମାନେ ଏଭଳି ପଦୋନ୍ନତି ଦେଇଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏଥିସହ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

ନବରଙ୍ଗପୁର ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ସେକ୍ସନ୍ ଅଫିସର ପଦବୀ ପାଇଁ ପଦୋନ୍ନତି ପାଇଥିବା ଉଲ୍ଲାମ୍ବା ଭତ୍ରା ତାଙ୍କର ପ୍ରକୃତ ଜାତି ସାର୍ଟିଫିକେଟ୍ ଜାଲିଆତି କରି ପଦୋନ୍ନତି ପାଇଛନ୍ତି। ଡିପିସି ବୈଠକରେ ଗତ ଜାନୁୟାରୀ ମାସରେ ମଧ୍ୟ ଏ ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ ଜାତିଗତ ପ୍ରମାଣ ପତ୍ର ସାର୍ଟିଫିକେଟ ଠିକ୍ ଭାବରେ ଯାଞ୍ଚ କରାଯାଇ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ସହାୟକ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ଜାଲ ଜାତିଗତ ପ୍ରମାପତ୍ର ବଳରେ ପଦୋନ୍ନତି ଦିଆଯାଇଥିବା ଅତିରିକ୍ତ ଜିଲାପାଳଙ୍କର ଅନ୍ୟ ଏକ ବିଜ୍ଞପ୍ତିରୁ ପ୍ରକାଶ ବୋଲି ନନ୍ଦ କହିଛନ୍ତି। ଏ ଦିଗରେ ନବରଙ୍ଗପୁର ଜିଲାପାଳ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଗଠନ ଅନୁରୋଧ କରୁଛି। ଏହାର ଏକ ନକଲ ପ୍ରମୁଖ ଶାସନ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଆର୍‌ଡିସିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଆଇନଜୀବୀ ନନ୍ଦ ଜଣାଇଛନ୍ତି।

# ‘ମେରା ପେହେଲା ଭୋଟ୍ ଦେଶ୍ କେ ଲିଏ’ ଶୀର୍ଷକ ସେମିନାର

**କୋରାପୁଟ,୧୫।୩(ଅମିତାଭ ବେହେରା)**

ଆଗାମୀ ନିର୍ବାଚନରେ ଯୁବଗୋଷ୍ଠୀଙ୍କ ଅଂଶ ଗ୍ରହଣ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ,ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ‘ମେରା ପେହେଲା ଭୋଟ୍ ଦେଶ୍ କେ ଲିଏ’ ଅଭିଯାନର ଏକ ଅଂଶ ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସେମିନାର ଆୟୋଜିତ ହୋଇଯାଇଛି। ଏଥିରେ କୋରାପୁଟ ଉପଜିଲାପାଳ ଦେବବ୍ରତ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିର୍ବାଚନରେ ନିଜ ମୂଲ୍ୟବାନ ଭୋଟ୍ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର



ନିଜ ଭୋଟ ଶପଥପାଠ ପତ୍ରକୁ କର୍ମଚାରୀମାନେ ଦେଖାଉଛନ୍ତି।

ଚକ୍ରଧର ତ୍ରିପାଠୀ ଓ ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ଏନ୍.ସି. ପଣ୍ଡା କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ପ୍ରଫେସର ଭରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ଡ. ରାମେନ୍ଦ୍ର ପାଢ଼ୀ, ଏନ୍‌ଏସ୍ ଏସ୍ ସଂଯୋଜକ ଡ. ଅଞ୍ଜାନେୟୁଲୁ ଥୋଟାପଲ୍ଲି, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ପ୍ରଫେସର ପଣ୍ଡା ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ସଫଳ ଗଣତନ୍ତ୍ରର ନୀତି ଓ ଏହାର ବିଭିନ୍ନ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉପଜିଲାପାଳ ମହାରଣା ଯୁବ ଭୋଟରମାନଙ୍କୁ ଭୋଟ୍‌ର ମହତ୍ୱ ଉପରେ ବୁଝାଇଥିଲେ। ଭାରତୀୟ ଗଣତନ୍ତ୍ରକୁ ବିଶ୍ୱର ଏକ ଆଦର୍ଶ ଗଣତନ୍ତ୍ରରେ ପରିଣତ କରିବା ପାଇଁ ସାମ୍ବିଧାନିକ ଅଧିକାରର ଠିକ୍ ଉପଯୋଗ କରିବା ଛାତ୍ରମାନଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ପ୍ରଫେସର ପଣ୍ଡାଙ୍କ ଦ୍ୱାରା ଭୋଟର ଶପଥ ଗ୍ରହଣ କରିଥିଲେ।



କାମ ଦାବିରେ ଠିକା ଶ୍ରମିକମାନେ ଶୁକ୍ରବାର ନାଲ୍‌କୋ ଦାମନଯୋଡ଼ି କାରଖାନା ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରୁଛନ୍ତି।

### ଛାତ୍ରୀଛାତ୍ରଙ୍କୁ ନିୟମିତ ମିଳୁନି ଷ୍ଟାଇପେଣ୍ଡ

ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ

**କୋରାପୁଟ,୧୫।୩(ଅମିତାଭ ବେହେରା)**

କୋରାପୁଟ ଜିଲାର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଶୁକ୍ରବାର ଛାତ୍ର ଅଶାନ୍ତି ଦେଖାଦେଇଛି। ମେଡିକାଲ କଲେଜରେ ଛାତ୍ରୀ ଛାତ୍ରଙ୍କ ଧର୍ମଘଟ ଯୋଗୁ କିଛି ମାତ୍ରାରେ ରୋଗୀ ସେବା ବ୍ୟାଘାତ ହୋଇଥିଲା। ଏନେଇ ଛାତ୍ରୀଛାତ୍ରମାନେ କହିଛନ୍ତି, ସେମାନଙ୍କୁ ନିୟମିତ ଷ୍ଟାଇପେଣ୍ଡ ମିଳୁନାହିଁ। ଏବେ ସୁଦ୍ଧା ଜାନୁୟାରୀ ଓ ଫେବୃଆରୀ ମାସର ଷ୍ଟାଇପେଣ୍ଡ ସେମାନଙ୍କୁ ମିଳିନାହିଁ। ଅନେକ ଛାତ୍ରୀଛାତ୍ର ଗରିବ ଶ୍ରେଣୀର। ସେମାନେ ଷ୍ଟାଇପେଣ୍ଡ ଉପରେ ନିର୍ଭର କରି ଏଠାରେ ପଢିଥାନ୍ତି। ନିୟମିତ ଷ୍ଟାଇପେଣ୍ଡ ଦାବିରେ ଶୁକ୍ରବାର ସେମାନେ ମେଡିକାଲ ସମ୍ମୁଖରେ ଧାରଣା ଦେବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଯଦି କଲେଜ କର୍ତ୍ତୃପକ୍ଷ ଏହାର କୌଣସି ସମାଧାନ ରାସ୍ତା ବାହାର ନ କରନ୍ତି ଆଗାମୀ ଦିନରେ ସମସ୍ତ ଛାତ୍ରୀଛାତ୍ର ରୋଗୀ ସେବା ଛାଡି ଆନ୍ଦୋଳନରେ ବସିବେ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଏ ନେଇ ମେଡିକାଲ କଲେଜ ଡିନ ତଥା ଅଧ୍ୟକ୍ଷ ସଦାନନ୍ଦ ରଥଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ସେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଛନ୍ତି। ସରକାରଙ୍କ ପକ୍ଷରୁ ଫଣ୍ଡ ଆସିଲେ ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଏହି ଛାତ୍ରୀଛାତ୍ରମାନେ ଏଠାରେ ନିୟମିତ ଅଧ୍ୟୟନ କରିବା ସହ ଆବଶ୍ୟକ ସମୟରେ ରୋଗୀ ସେବା କରିଥାନ୍ତି।

# ‘ନିଜ ଅଧିକାର ସମ୍ପର୍କରେ ସଚେତନ ନୁହନ୍ତି ଉପଭୋକ୍ତା’


କର୍ମଶାଳାରେ ଉପସ୍ଥିତ ଅତିଥି ।

**କୋରାପୁଟ,୧୫।୩(ଅମିତାଭ ବେହେରା)**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ବିଶ୍ୱ ଖାଉଟି ଦିବସ ଉପଲକ୍ଷେ ଶୁକ୍ରବାର ଓକିଲ ସଂଘ ବାର୍ଡ ଓ ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିଶୁ ପ୍ରକଳ୍ପ ଅଧିକାରୀ ସାବିତ୍ରୀପ୍ରଭା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ଶତକଡ଼ା ୯୫ ଭାଗ ଗ୍ରାହକ ଟେଲିକମ୍, ମୋବାଇଲ, ଇଣ୍ଟରନେଟ୍ ବହୁଳ ମାତ୍ରାରେ ବ୍ୟବହାର କରନ୍ତି ମାତ୍ର ସେମାନେ ସେମାନଙ୍କ ଅଧିକାର ଉପରେ ସଚେତନ ନୁହନ୍ତି ବୋଲି କର୍ମଶାଳାରେ ଅଧ୍ୟକ୍ଷତା କରୁଥିବା ଆଇନଜୀବୀ ଭବାନୀ ଶଙ୍କର ମିଶ୍ର କହିଥିଲେ। ଆୟୋଜକ ବାର୍ଡ ମୁଖ୍ୟ ପ୍ରକାଶ ଚନ୍ଦ୍ର ସାହୁ ମୋବାଇଲ ଟାୱାରର ବିକିରଣ ଅଡିଟ ଓ ପ୍ରତ୍ୟେକ ଟେଲିକମ୍ କମ୍ପାନୀ ଟ୍ରାଇ ନିୟମ ମାନିବା ଓ ଗୁଣବତ୍ତା ସେବା ଓ ଅଭିଯୋଗର ସମାଧାନ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଅପହଞ୍ଚ ଅଞ୍ଚଳ ରୂପେ ପରିଚିତ କୋରାପୁଟ ବ୍ଲକର ଡୁମୁରିପଦର, ଲଙ୍କାପୁଟ, କେନ୍ଦାର ପଞ୍ଚାୟତ ସହ ଦଶମନ୍ତପୁର ବ୍ଲକର ଗିର୍ଲିଗୁମା, ଗୌଡ଼ଗୁଡ଼ା, ନନ୍ଦିଗାଁ ପଞ୍ଚାୟତର ଡମ୍ବ ସୁଜୁଲି, ଜୟପୁର ବ୍ଲକର ରାଣୀଗଡ଼,ଡଙ୍ଗରକୋଟି ଓ ବୋରିଗୁମ୍ମା ବ୍ଲକର ହରିଡ଼ାଗୁଡା ପଞ୍ଚାୟତର ଚାନ୍ଦୋବେଡ଼ାରେ ଟେଲିକମ୍

**ବିଶ୍ୱ ଖାଉଟି ଦିବସ**

ସେବା ନାହିଁ। ତଥ୍ୟ ଅନୁସାରେ ଏବେ ଦେଶରେ ମୋବାଇଲ ଗ୍ରାହକ ୧୫୧ କୋଟି ଜନଗଣନା ସାମଞ୍ଜସ୍ୟ ସହ ୪୫୯ ନିୟୁତ ସ୍ମାର୍ଟଫୋନ ବ୍ୟବହାରକାରୀ, ୪୮୭ ନିୟୁତ ୱାଟ୍ସଆପ୍ ଗ୍ରାହକ,୨୪୦ ନିୟୁତ ଫେସ୍‌ବୁକ୍ ଗ୍ରାହକ,୨୧୦ ନିୟୁତ ଇନ୍‌ଷ୍ଟାଗ୍ରାମ ଗ୍ରାହକ , ୭କୋଟି ଡିଟିଏଚ୍ ଗ୍ରାହକ, ୧୪୦କୋଟି ଇଣ୍ଟରନେଟ୍ ଗ୍ରାହକ ଅଛନ୍ତି। ଯୁବପିଢ଼ି ଓ ସାଧାରଣ ଲୋକେ ଦିନକୁ ୪ରୁ୫ ଘଣ୍ଟା ଏସବୁ ସେବା ନେଇଥାନ୍ତି। କମ୍ପାନୀ ତାହାର ସୁଯୋଗ ନେଇ ଗ୍ରାହକଙ୍କୁ ହଇରାଣ କରୁଛନ୍ତି। ସିମ୍ ଆକ୍ଟିଭେଶନ ବେଳେ କମ୍ପାନୀ ଇଂରାଜୀ ଭାଷାରେ ଟର୍ମ କଣ୍ଡିସନ ବହୁତ ଛୋଟ ଅକ୍ଷରରେ ଲେଖିଥାନ୍ତି। ଏହାଦ୍ୱାରା ଗ୍ରାହକମାନେ ଠକାମିର ଶିକାର ହୋଇଥାନ୍ତି ବୋଲି ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ସରକାରଙ୍କ ନିଷ୍ପତ୍ତିକୁ ଟେଲିକମ କମ୍ପାନୀଗୁଡ଼ିକ ଅଣଦେଖା କରିବା, ନେଟ୍‌ୱର୍କ ସମସ୍ୟା, ଇଣ୍ଟରନେଟ୍ ଧିମାଗତି,ଫେକ୍ ମେସେଜ, ନିମ୍ନମାନର ସେବା, ରିଚାର୍ଜ ପୂର୍ବରୁ ବାରମ୍ବାର କଲ୍ ଆସିବା, ନୋଡାଲ ଅଧିକାରୀଙ୍କ ତଥ୍ୟ ସାର୍ବଜନୀକ ନ କରିବା, ଟ୍ରାଇ ଭାଲିଡିଟି ନିୟମ ୨୮ରୁ ୩୦ ଦିନ କରିଥିଲେ ମଧ୍ୟ ଏହାକୁ ଟେଲିକମ୍ କମ୍ପାନୀଗୁଡ଼ିକ ଏଯାବତ୍ କାର୍ଯ୍ୟକ୍ଷମ ନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା।

# ଆର୍‌ଡି ବିଭାଗର ଟେଣ୍ଡରରେ ଅନିୟମିତତା ଅଭିଯୋଗ

**ସୁନାବେଡା/ସେମିଳିଗୁଡା,୧୫।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)**

ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ବିଭିନ୍ନ ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ରମାନ ନିର୍ମାଣ କରୁଛନ୍ତି। ମାତ୍ର ସେମିଳିଗୁଡା ବ୍ଲକର ସାଡାମ୍ ପଞ୍ଚାୟତରେ ଏହି ସ୍ୱାସ୍ଥ୍ୟସେବା କେନ୍ଦ୍ର ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏଠାରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ବିଭାଗର ଏକ ‘ଡେ କେୟାର ସବ୍ ସେଣ୍ଟର’ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ୨୦୨୩ ନଭେମ୍ବର ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗ କରିଥିଲା। ଏହି ପ୍ରକ୍ରିୟାରେ ପଟାଙ୍ଗି ବ୍ଲକ ସମ୍ବାଇ ଅଞ୍ଚଳର ଗୋବିନ୍ଦ ଖରା ନାମକ ଜଣେ ଠିକାଦାର ନିର୍ଦ୍ଧାରିତ ମୂଲ୍ୟରେ ସର୍ବନିମ୍ନ (ଏଲ୍ ୱାନ) ରେଟ୍‌ରେ ଟେଣ୍ଡର ପାଇଥିଲେ। ତେବେ ଚଳିତ ମାସ ୩ରେ କୌଣସି କାରଣ ନ ଦର୍ଶାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଖରାଙ୍କ ଟେଣ୍ଡର ବାତିଲ୍ କରିବା ସହ ତାଙ୍କୁ କଳା ତାଲିକାଭୁକ୍ତ କରାଯାଇଥିବା ଜାଣିବାକୁ ପାଇଥିଲେ। ଫଳରେ ଟେଣ୍ଡରର ସ୍ୱଚ୍ଛତା ନେଇ ଖରା ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ତାଙ୍କ ଟେଣ୍ଡର ବାତିଲ୍ କରି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତଥା ଏଷ୍ଟିମେଟର୍ ଶ୍ରୀନିବାସ୍ ଚୌଧୁରୀ ଅନ୍ୟ ଜଣେ ଠିକାଦାରଙ୍କୁ ଅଧିକ ମୂଲ୍ୟରେ ଏହାକୁ ହସ୍ତାନ୍ତର କରିଛନ୍ତି। ଏହା ସିଧାସଳଖ ସରକାରୀ ନିୟମକୁ ଉଲ୍ଲଂଘନ କରୁଛି ବୋଲି ଖରା କହିଛନ୍ତି। ଖରା ଅଭିଯୋଗ କରିଛନ୍ତି ଯେ, ଅନ୍ୟ ଜଣେ ଠିକାଦାରଙ୍କୁ ଜାଣିଶୁଣି ବିଭାଗୀୟ ଯନ୍ତ୍ରୀ ଅଧିକ ମୂଲ୍ୟରେ କାର୍ଯ୍ୟାଦେଶ ଦେଇଛନ୍ତି। ଏହା ତଦନ୍ତ ସାପେକ୍ଷ। ଟେଣ୍ଡର ପ୍ରକ୍ରିୟାରେ ବିଭାଗ ସବୁ ଜାଣି କିଛି ନ ଜାଣିବା ପରି ରହୁଛି ବୋଲି ଖରା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ପୃକ୍ତ ଯନ୍ତ୍ରୀ ଶ୍ରୀନିବାସ ଚୌଧୁରୀଙ୍କୁ ପଚାରିବାରୁ ସେ ଏସମ୍ପର୍କରେ କିଛି ଜାଣିନି ବୋଲି ସଫେଇ ଦେଇ ନିୟମ ଅନୁଯାୟୀ ସମସ୍ତ କାମ ହୋଇଥିବା କହିଥିଲେ। ତେବେ ଚୌଧୁରୀଙ୍କୁ ଗୋବିନ୍ଦଙ୍କ ଟେଣ୍ଡର କେଉଁ କାରଣରୁ ବାତିଲ୍ ହୋଇଛି ବୋଲି ପଚାରିବାରୁ ମୁଁ କିଛି କରିନାହିଁ ବୋଲି କହି ଫୋନ କାଟି ଦେଇଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
No. 1086 Dated: 24/2/2024
To Sri Gobinda Khara, "B" Class ST Contractor
Yours faithfully
Executive Engineer, Rural Works Division, Sunabeda

ଗୋବିନ୍ଦ ପାଇଥିବା ଟେଣ୍ଡର ସମ୍ପର୍କିତ ଚିଠି।

# ଆମେ କିଛି କରିପାରିବୁ ନାହିଁ କହି ହାତ ଟେକିଦେଲେ ଜିଲା ଶିକ୍ଷା ଅଧିକାରୀ

**ପଟାଙ୍ଗି,୧୫।୩(ଶରତ ଧଳ)**

ରାଜ୍ୟ ଗଣ ଶିକ୍ଷା ବିଭାଗ ଅଧୀନରେ ଥିବା ସମଗ୍ର ଶିକ୍ଷା ଅଭିଯାନ ଅନୁଦାନରୁ ଦରମା ପାଉଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଏବେ ଦରମାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଏହା ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏପରି ଅବ୍ୟବସ୍ଥା ଦେଖା ଦେଇଛି ରାଜ୍ୟ ଗଣଶିକ୍ଷା ବିଭାଗର ପିଏଫ୍‌ଏମ୍‌ଏସ୍ ଆକାଉଣ୍ଟ କ୍ଷେତ୍ରରେ। ଉକ୍ତ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏକ୍ସ କ୍ୟାଡର, ଗଣ ଶିକ୍ଷକ, ଶିକ୍ଷା ସହାୟକ ଏବଂ କନିଷ୍ଠ ଶିକ୍ଷକମାନେ ପ୍ରତି ମାସର ୧ରୁ ୫ତାରିଖ ମଧ୍ୟରେ ସେମାନଙ୍କ

**ପିଏଫ୍‌ଏମ୍‌ଏସ୍ ଆକାଉଣ୍ଟରେ ନାହିଁ ଅର୍ଥ**

ପିଏଫ୍‌ଏମ୍‌ଏସ୍ ଆକାଉଣ୍ଟରୁ ଦରମା ଉଠାଉଥିଲେ। ସେମାନଙ୍କ ଆକାଉଣ୍ଟରେ ପ୍ରତିମାସରେ ଉପରୋକ୍ତ ତାରିଖରେ ଦରମା ପୈଠ ହେଉଥିଲା। ବର୍ତ୍ତମାନ ମାର୍ଚ୍ଚ ମାସର ୧୫ ତାରିଖ ହୋଇ ଯାଇଥିଲେ ମଧ୍ୟ ଉପରୋକ୍ତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦରମା ପାଇନାହାନ୍ତି। ଫଳରେ ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ୟାଙ୍କ ଋଣ ସହ ବିଭିନ୍ନ ଘରୋଇ ଶିକ୍ଷା ଅନୁଷ୍ଠାନରେ ସେମାନଙ୍କ ପିଲାଙ୍କୁ ପଢାଇବାରେ ଏବଂ ଶିକ୍ଷାନୁଷ୍ଠାନର ଫି’ ଦେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରିବାର ଚଳାଇବା ମଧ୍ୟ ସେମାନଙ୍କୁ କଷ୍ଟକର ହେଉଛି। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଆକାଉଣ୍ଟରେ ଅର୍ଥ ଦାଖଲ ନେଇ ଦାବି ହେଉଛି। ଏନେଇ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ଏହି ସମସ୍ୟା ଖାଲି ଆମ ଜିଲାରେ ନୁହେଁ ସାରା ରାଜ୍ୟର ସବୁ ଜିଲାରେ ଉପୁଜିଛି କହି ଏ କ୍ଷେତ୍ରରେ ଆମେ କିଛି କରିପାରିବୁ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଉପରୋକ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ୪୦ହଜାରରୁ ଊର୍ଦ୍ଧ୍ୱ ରହିଥିବା ଜଣାପଡିଛି।

### ବୁଡି ଅଞ୍ଚଳ ଲୋକ ସଙ୍ଗଠନ ପ୍ରଶାସନର ଦ୍ୱାରସ୍ଥ

**କୋରାପୁଟ,୧୫।୩(ଅମିତାଭ ବେହେରା)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ବୁଡି ଅଞ୍ଚଳ ଲୋକ ସଙ୍ଗଠନ ଶୁକ୍ରବାର ଜିଲାପାଳଙ୍କୁ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛି। ନନ୍ଦପୁର ବ୍ଲକର ୮ଟି ପଞ୍ଚାୟତବାସୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବା, ଶିକ୍ଷିତ ଯୁବତୀଯୁବକଙ୍କୁ ଯୋଗ୍ୟତା ଅନୁସାରେ ନିଯୁକ୍ତି, ପାଡୁଆକୁ ନୂତନ ବ୍ଲକ କରିବା ଆଦି ଦାବି ଦାବିପତ୍ରରେ ରହିଥିବା ଜଣାପଡିଛି । ଉକ୍ତ ଦାବି ପୂରଣ ପାଇଁ ସଙ୍ଗଠନ ପକ୍ଷରୁ ଗତବର୍ଷ ଏପ୍ରିଲ ୨୯ ରେ ବୁଡି ଅଞ୍ଚଳବାସୀ ଆମରଣ ଅନଶନରେ ବସିଥିଲେ। ସେତେବେଳେ ଜିଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା ବୋଲି ସଭାପତି କମଲୁ ଖିଲ କହିଛନ୍ତି। ତେବେ ଏପର୍ଯ୍ୟନ୍ତ ଦାବି ପୂରଣ ହୋଇ ନ ଥିବାରୁ ଜିଲା ପ୍ରଶାସନକୁ ପୁନର୍ବାର ଦାବିପତ୍ର ଦେଇ ଅବଗତ କରାଯାଇଥିବା ସେ କହିଛନ୍ତି।

# ସିଭିଲ ସର୍ଭିସ୍ ଆଶାୟୀଙ୍କୁ ମାର୍ଗଦର୍ଶନ ନେଇ ବକ୍ତୃତା କାର୍ଯ୍ୟକ୍ରମ

**କୋରାପୁଟ,୧୫।୩(ଅମିତାଭ ବେହେରା)**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସିଭିଲ ସର୍ଭିସ୍ ଆଶାୟୀଙ୍କୁ ସଫଳତା ଦିଗରେ ମାର୍ଗଦର୍ଶନ ପାଇଁ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ନୂଆଦିଲ୍ଲୀର ଟପର୍ସ ଆଇଏଏସ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ପି.ଏନ୍. ଝା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ସିଭିଲ ସର୍ଭିସ୍‌ର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରଥମେ ସମାଜ ବିଜ୍ଞାନ ବିଭାଗରେ ପ୍ରଥମ ବକ୍ତୃତା କାର୍ଯ୍ୟକ୍ରମରେ ‘ସମାଜ ବିଜ୍ଞାନ: ସୁରକ୍ଷିତ, ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ସ୍କୋରିଂ ବିକଳ୍ପ’ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ପରେ ସେମିଳିଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ୍ କୋଚିଂ ସେଣ୍ଟର (ଏସ୍‌ଏଲ୍‌ଏନ୍-ସିଇସି)ଠାରେ ଦ୍ୱିତୀୟ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ସିଭିଲ ସର୍ଭିସ୍ ପ୍ରସ୍ତୁତି ଓ ବିକଳ୍ପ ବିଷୟ ଚୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ,ଆମନ୍ତ୍ରିତ ବକ୍ତା ଡ. ପି.ଏନ୍. ଝା ଉପସ୍ଥିତ ଥିଲେ। ଝା ସିଭିଲ୍ ସର୍ଭିସ୍‌ର ମୁଖ୍ୟ ପରୀକ୍ଷାରେ ସମାଜ ବିଜ୍ଞାନକୁ ଏକ ବିକଳ୍ପ ବିଷୟ ଭାବରେ ଚୟନ କରିବାର ଫାଇଦା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବାସ୍ତବବାଦୀ ଆଭିମୁଖ୍ୟ, ସମୟବଦ୍ଧ ପାଠ୍ୟକ୍ରମ କଭରେଜ ଏବଂ ଉତ୍ତର ଲେଖିବା ଦକ୍ଷତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ସିଭିଲ ସର୍ଭିସ୍ ପାଇଁ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦିଷ୍ଟ, ମାପ, ହାସଲଯୋଗ୍ୟ, ବାସ୍ତବବାଦୀ ଏବଂ ସମୟବଦ୍ଧତା ଉପରେ ମତ ରଖିଥିଲେ। ସମାଜ ବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଦୀପ୍ତି ଶଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ନୂପୁର ପଟ୍ଟନାୟକ, ଡ. ଏଲିସା ମହାନ୍ତି, ଡ. ସୌଭାଗ୍ୟ ଲକ୍ଷ୍ମୀ ସିଂହ, ଡ. ଆଦିତ୍ୟ କେଶରୀ ମିଶ୍ର ଓ ଡ. ମାନସ ରଞ୍ଜନ ମଲ୍ଲିକ ସହଯୋଗ କରିଥିଲେ। ଡ. ଚନ୍ଦ୍ର ଖେମୁଣ୍ଡୁ ଓ ଅହଲ୍ୟା କାନ୍ଦୁଲଫୁଲ ସଂଯୋଜନା କରିଥିଲେ। ଡ. କପିଳା ଖେମୁଣ୍ଡୁ ଦୁଇଟିଯାକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ।

# ବନାଗ୍ନି ପ୍ରଶମିତ ନେଇ ପ୍ରଶିକ୍ଷଣ

**ବୈପାରିଗୁଡା,୧୫।୩ (କଳ୍ପତରୁ ମହାନ୍ତି)**

ସାଧରଣତଃ ଗ୍ରୀଷ୍ମ ଋତୁରେ ଅବିଭକ୍ତ କୋରାପୁଟ ଜିଲାର ପାହାଡିଆ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲାଗିଥାଏ। ପୋଡୁଚାଷ ହେଉ ଅଥବା ପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ଜଙ୍ଗଲ ସହ ସେଠାରେ ରହୁଥିବା ବିରଳ ବନ୍ୟ ପ୍ରାଣୀ ସଙ୍କଟରେ ପଡୁଥିଲେ। ଏହା ରୋକିବାକୁ ହେଲେ ସାଧାରଣରେ ସଚେତନତାର ଆବଶ୍ୟକତା ରହିଛି। ଏନେଇ ବନ ବିଭାଗ ପକ୍ଷରୁ ଶୁକ୍ରବାର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସହକାରୀ ବନ ସଂରକ୍ଷକ ପ୍ରସନ୍ନ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ବୈପାରିଗୁଡା ଅଗ୍ନିଶମ ଅଧିକାରୀ ଆଦିତ୍ୟ ଦାସ, ବନାଞ୍ଚଳ ଅଧିକାରୀ ସନ୍ଦିପ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା , ସରପଞ୍ଚ ସୂର୍ଯ୍ୟମଣି ନାୟକ , ଦଶମନ୍ତପୁର ସରପଞ୍ଚ ଆର୍. ରୋହିତ୍ କୁମାର ଓ ବିଏସ୍‌ଏଫ୍ କାମାଣ୍ଡାଣ୍ଟ ଉପସ୍ଥିତ ରହି ବନ ସୁରକ୍ଷା କମିଟି ସଦସ୍ୟାସଦସ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କୁ ବନାଗ୍ନିଠାରୁ ଦୂରରେ ରହିବା ଲାଗି ସଚେତନ କରିଥିଲେ। ବନପୋଡି ମନୁଷ୍ୟାକୃତ। ପରିବେଶ ଉପରେ ଏହାର କୁପରିଣାମ ପଡୁଛି। ଏଥିରୁ କିପରି ଦୂରେଇ ରହିହେବ ସେନେଇ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୧୭ଟି ବନ ସୁରକ୍ଷା କମିଟିର ସଦସ୍ୟା ଓ ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ସନ୍ଦିପ ପାଣିଗ୍ରାହୀକାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବନବିଭାଗ ଅଧିକାରୀମାନେ ବନାଗ୍ନି ଦୂର ନେଇ ପ୍ରଶିକ୍ଷଣ ଦେଉଛନ୍ତି।

# ନନ୍ଦପୁରରେ ଶକ୍ତି ପ୍ରଦର୍ଶନକଲେ ରଘୁନାଥ

**ନନ୍ଦପୁର, ୧୫।୩ (ଶଙ୍କର ପୂଜାରୀ)**

ବିଧାନସଭା ନିର୍ବାଚନରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ରଘୁନାଥ ଶିଶା ଶଙ୍ଖଭବନରେ ଆବେଦନ ପତ୍ର ପ୍ରଦାନକରି ଫେରିବା ପରେ ଶୁକ୍ରବାର ନନ୍ଦପୁର ବ୍ଲକରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହା ନନ୍ଦପୁର ବ୍ଲକ ଓ ପଟାଙ୍ଗି ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ, ବିରୋଧୀ କଂଗ୍ରେସ ଓ ଭାଜପାରେ ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ଶିଶା ନିଜ ସମର୍ଥକଙ୍କ ସହ ନନ୍ଦପୁର ବ୍ଲକ ସୀମାନ୍ତ ପାଡୁଆ ବଡଦେବତା ମନ୍ଦିରଠାରୁ ସେମିଳିଗୁଡା ବ୍ଲକ ସୁବାଇ ପଞ୍ଚାୟତ ଯାଏ ଏକ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ନନ୍ଦପୁର ବ୍ଲକ ଅଧୀନ ୨୩ ପଞ୍ଚାୟତର ଶତାଧିକ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ନନ୍ଦପୁର ବ୍ଲକ ବିଜେଡି ସଭାପତି ରାମେଶ୍ୱର ଦୋରା, ପୂର୍ବତନ ଜିଲା ଯୁବ ଉପସଭାପତି ଶଶୀ ପଟ୍ଟନାୟକ, ବଳଭଦ୍ର ଶିଶା, କେନ୍ଦୁ ଚାଲାଣ, ନୀଳକଣ୍ଠ ଖରା, ସନ୍ତୋଷ ମହାନ୍ତି, ସ୍ୱରାଜ ହନ୍ତାଲ, କାର୍ତ୍ତିକ ପାଙ୍ଗୀ, ଡମ୍ବୁରୁଧର ଆର୍ଲବ, ଡମ୍ବୁ ଖରା, ମଧୁ ଖିଲ, ପଦ୍ମ ଖିଲ, ରାଜେଶ ହନ୍ତାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ବାଇକ୍ ଶୋଭାଯାତ୍ରାରେ ଯାଉଥିବା ରଘୁନାଥ ଶିଶା।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂତନ ଡିଇଓ

ନବରଙ୍ଗପୁର, ୧୫।୩ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଭାବେ ଶୁକ୍ରବାର ଛତ୍ରପତି ସାହୁ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବାରୁ ବରଗଡ଼ର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ନବରଙ୍ଗପୁର ଡିଇଓଭାବେ ତାଙ୍କୁ ପଦୋନ୍ନତି ମିଳିଥିଲା। ଡିଇଓ ସାହୁ କାର୍ଯ୍ୟରେ ଯୋଗଦେବା ପରେ ବିଇଓ ଓ କାର୍ଯ୍ୟାଳୟ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଡିଇଓ ସାହୁ କାର୍ଯ୍ୟରେ ଯୋଗଦେବା ପରେ ବିଇଓ ଓ କାର୍ଯ୍ୟାଳୟ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଓ କର୍ମଚାରୀ ସଂଘ ସମ୍ପାଦକ କାଶୀନାଥ ମହାନ୍ତି, ଉପସଭାପତି ବିଭୁତି ଭୂଷଣ ବରାଳ, ସମ୍ପାଦିକା ଇନ୍ଦିରା ପଟ୍ଟନାୟକ, ଅଜୟ ପଲେଇ ସମେତ କର୍ମକର୍ତ୍ତା ଓ ସଭ୍ୟମାନେ ଡିଇଓଙ୍କୁ ସ୍ୱାଗତ କରିଛନ୍ତି। ସେହିଭଳି ଶାରୀରିକ ଶିକ୍ଷା ଶିକ୍ଷକ ସଂଘ, ଚୁକ୍ତି ଭିତ୍ତିକ ସଂଘ ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀ ସାହୁଙ୍କୁ ସନ୍ଧ୍ୟାରେ ତାଙ୍କ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇଛନ୍ତ ପ୍ରକାଶ ଯେ, ନବରଙ୍ଗପୁରର ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ କେନ୍ଦ୍ରାପଡ଼ା ବଦଳି କରାଯାଇଛି। ସେ ୨୦୨୧ ନଭେମ୍ବର ୫ ତାରିଖରେ ଜଏନ୍ କରିଥିଲେ।

### ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଶେଷ

ନବରଙ୍ଗପୁର, ୧୫।୩(ସଦାଶିବ ପ୍ରହରାଜ)

ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପ୍ରକ୍ରିୟା କାର୍ଯ୍ୟକୁ ସୁଚାରୁରୂପେ ତୁଲାଇବା ନିମନ୍ତେ ଆବଶ୍ୟକ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ନବରଙ୍ଗପୁର ଜିଲା ପ୍ରଶାସନ ତରଫରୁ ଜାରି ରହିଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ଦିଆଯାଉଥିବାବେଳେ ଏହା ଶୁକ୍ରବାର ଶେଷ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳ ଲୋଚନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ)ମହେଶ୍ୱର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକ୍ଟର ନିର୍ବାଚନ ବିଭାଗ, ପି.ମନସ୍ୱିତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ତାଲିମ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ। ଜିଲାର ସମସ୍ତ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ମହାବିଦ୍ୟାଳୟ ଅଧ୍ୟାପକ ପ୍ରମୁଖଙ୍କୁ ପର୍ଯ୍ୟାୟ କ୍ରମେ ନିର୍ବାଚନ ସଂକ୍ରାନ୍ତୀୟ ତାଲିମ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ପ୍ରତ୍ୟେକ ପୋଲିଂ, ପ୍ରିଜାଇଡିଂ ଅଧିକାରୀମାନେ ସାଧାରଣ ନିର୍ବାଚନ ଦାୟିତ୍ୱକୁ ନିଷ୍ଠାପର ଭାବେ ତୁଲାଇବାକୁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ।

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ

- ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଦାବି
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ନବରଙ୍ଗପୁର, ୧୫।୩(ସଦାଶିବ ପ୍ରହରାଜ)



ଦାବି ଜଣାଇବାକୁ ଆସିଥିବା ମହିଳାମାନେ।

ନବରଙ୍ଗପୁର ଜିଲା ୧୦ ବ୍ଲକର ସମସ୍ତ ପଞ୍ଚାୟତରେ ମିଶନ ଶକ୍ତି ଅଧୀନରେ ଥିବା ଜିପିଏଲ୍ଏଫ୍, ବିଏଲ୍ଏଫ୍, ଡିଏଲ୍ଏଫ୍‌ର ପସଭାପତି, ସମ୍ପାଦିକା ଓ ଇସି ସଭ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଏକାଠି ହୋଇଥିଲେ। ଇସି ମେମ୍ବରଙ୍କୁ ରାଜ୍ୟ ସରକାର ଅଣଦେଖା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ସେମାନେ ଦାବିପତ୍ର ଦେଇଛନ୍ତି। ପାରିଶ୍ରମିକ ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି ହୋଇଛି। ଦାବି ପୂରଣ ନକଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ମିତ୍ରମାନଙ୍କୁ ରାଜ୍ୟ ସରକାର ଦରମା ବା ଅଧିବେଶନ ଖର୍ଚ୍ଚ ବଢ଼ାଇ ଏକ ପ୍ରକାର ଖୁସି କରିଛନ୍ତି। ଏକ୍‌ଜିକ୍ୟୁଟିଭ କମିଟିର ମେମ୍ବର ବା ଇସି ମେମ୍ବରଙ୍କୁ ଅଣଦେଖା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ୩ ବର୍ଷହେବ ଇସି ମେମ୍ବରମାନେ ମାସିକ ମାତ୍ର ୧୦୦ ଟଙ୍କା ପାରିଶ୍ରମିକରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ କାମ କରିଆସୁଛନ୍ତି। ଖରା, ବର୍ଷା, ଶୀତ ସବୁ ସମୟରେ ଏହି ଇସି ମେମ୍ବରମାନେ ହିଁ ମହିଳାମାନଙ୍କ ପାଇଁ ଆସୁଥିବା ସରକାରୀ ସାହାଯ୍ୟ ସୁବିଧା ଉପରେ ଆଲୋଚନା କରି ମିଶନ ଶକ୍ତିର ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାନ୍ତି। ତେବେ ଏହି ଇସି ମେମ୍ବରମାନଙ୍କ ପ୍ରତି ସରକାର ଅଣଦେଖା କରିଛନ୍ତି। ଡାବୁଗାଁ ବ୍ଲକ ସମ୍ପାଦିକା ପ୍ରିୟଦର୍ଶିନୀ ପାତ୍ର, ସବିତା ବିଷୋୟୀ, ଲକ୍ଷ୍ମୀ ଜାନୀ ସହ ଜିଲାର ୧୦ଟି ବ୍ଲକର ସଭ୍ୟମାନେ ଉପସ୍ଥିତ ଥିଲେ।

# ପେନ୍‌ସନ, ସୁରକ୍ଷା ଦାବି

ଉମରକୋଟ, ୧୫।୩ (ସନ୍ତୋଷ ଶତପଥୀ)

### ଉମରକୋଟ୍ ପ୍ରେସ୍ କ୍ଲବ୍ ସଦସ୍ୟଙ୍କ କଳାବ୍ୟାଜ୍ ପରିଧାନ

ରାଜ୍ୟ ସରକାର ଖବରଦାତାଙ୍କ ବିଭିନ୍ନ ଦାବିକୁ ଅଣଦେଖା କରୁଥିବା ପ୍ରତିବାଦକରି ଉମରକୋଟ ଖବରଦାତା ସଂଘ ସଦସ୍ୟମାନେ ସ୍ଥାନୀୟ ପେଣ୍ଡ୍ରାଣୀ ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀ କରି କଳାବ୍ୟାଜ୍ ପରିଧାନ କରିଛନ୍ତି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କଙ୍କୁ ପେନ୍‌ସନ, ପ୍ରବର୍ତ୍ତିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମା' ବାପା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନଙ୍କୁ ସାମିଲ, ଲୋକସେବା ଭବନ ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଖବରଦାତାଙ୍କୁ ପ୍ରବେଶ ଆଦି ଦାବି କରାଯାଇଛି। ଖବରଦାତାମାନେ ବିଭିନ୍ନ ସମୟରେ ନିଜ ଜୀବନକୁ ବାଜି ଲଗାଇ ବିଭିନ୍ନ ସତ୍ୟ ଘଟଣା, ଅସହାୟଙ୍କ ସମସ୍ୟା, ସରକାର ଓ ଅଧିକାରୀଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣୁଛନ୍ତି। ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ବିଭିନ୍ନ ଯୋଜନା କଲେ। କିନ୍ତୁ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରୁଥିବା ନେଇ ଉମରକୋଟ ପ୍ରେସ୍ କ୍ଲବ୍ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏନେଇ ଖବରଦାତା ସଂଘ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ସୁବିଧା ମିଳୁନାହିଁ ବୋଲି ଉମରକୋଟ ପ୍ରେସ୍ କ୍ଲବ ସମ୍ପାଦକ ମହେଶ୍ୱର ବେହେରା, ଉପସଭାପତି ସନ୍ତୋଷ ଶତପଥୀ, ସହସମ୍ପାଦକ କୁନା ସାହୁ, ହିମାଂଶୁ ଜେନା, କୋଷାଧ୍ୟକ୍ଷ ଯୁଗଳ କିଶୋର ସାହୁ, ସଦସ୍ୟ କୃଷ୍ଣପ୍ରସାଦ ପଟ୍ଟନାୟକ, ଅନୁରାଗ ପଟ୍ଟନାୟକ, ସଞ୍ଜିତ ମଣ୍ଡଳ, ଗିରିଧର ମାଝି, ସନ୍ତୋଷ ପାତ୍ର, ଲୁମେରା ସାନ୍ତା, ନିରଞ୍ଜନ ବେହେରା, ନିରଞ୍ଜନ ଗଣ୍ଡ, ସମିର ପତି ପ୍ରମୁଖ କହିଛନ୍ତି। ସଭାପତି ନଳିନୀ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ କଳାବ୍ୟାଜ୍ ପରିଧାନ କରିଥିଲେ।




କଳାବ୍ୟାଜ୍ ପିନ୍ଧି ଉମରକୋଟ ପ୍ରେସ୍ କ୍ଲବ୍ ସଦସ୍ୟମାନେ ଦାବି ଜଣାଉଛନ୍ତି।

# ଇଭିଏମ୍, ନିର୍ବାଚନ ପରିଚାଳନା ଶିଖିଲେ ଅଧିକାରୀ



ବିଡିଓ ଅଧିକାରୀମାନଙ୍କୁ ତାଲିମ ଦେଉଛନ୍ତି।

ଡାବୁଗାଁ, ୧୫।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଭୈରବ ସ୍ନାତକ ମହାବିଦ୍ୟାଳୟ ଓ ଡାବୁଗାଁ ସରକାରୀ (ଏସ୍ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଲିଂ ଅଧିକାରୀଙ୍କୁ ଦିଆଯାଉଥିବା ତାଲିମ ଶୁକ୍ରବାର ଶେଷ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମ ୪ଦିନ ଧରି ଚାଲିଥିଲା। ନିର୍ବାଚନ ସମୟରେ ଇଭିଏମ୍ ପରିଚାଳନା ଓ ନିର୍ବାଚନୀ ସମ୍ବନ୍ଧୀୟ କାଗଜପତ୍ର କାର୍ଯ୍ୟ ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଡାବୁଗାଁ, ପାପଡ଼ାହାଣ୍ଡି ଓ କୋଷାଗୁମୁଡା ବ୍ଲକରୁ ମୋଟ ୧୯୪୪ ଜଣ ପୋଲିଂ ଅଧିକାରୀ ତାଲିମ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ, ପ୍ରଥମ ପୋଲିଂ, ଦ୍ୱିତୀୟ ପୋଲିଂ, ତୃତୀୟ ପୋଲିଂ, ଚତୁର୍ଥ ପୋଲିଂ ଓ ପଞ୍ଚମ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ଡାବୁଗାଁ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, କୋଷାଗୁମୁଡ଼ା ବିଡିଓ ଆଶିଷ ରଞ୍ଜନ ତ୍ରିପାଠୀ, କୋଡିଗାଁ ତହସିଲଦାର ସୁବ୍ରତ ବେହେରା, ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ସେକ୍ଟର ଅଧିକାରୀ, ୪ ଜଣ ଅଧ୍ୟାପକ ତାଲିମ ପ୍ରଦାନ କରିଥିଲେ। ଡାବୁଗାଁ ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

### ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ଝରିଗାଁ, ୧୫।୩(କିଶୋର ଚନ୍ଦ୍ର ମଣ୍ଡଳ)

ଫସଲକୁ ପାଣି ଦେବା ପାଇଁ ଜମିରେ ନଦୀ ପାଣିକୁ ସଂଗୃହିତ କରି ରଖାଯାଇଥିବାବେଳେ ସେଥିରେ ବୁଡି ଜଣେ ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ମୃତକ ହେଲେ ଝରିଗାଁ ବ୍ଲକ ଚିତାବେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମର ଛବି ଗୌଡ଼ଙ୍କ ଝିଅ ଭାରତୀ (୬)। ସୂଚନାନୁଯାୟୀ, ଦେଉଳକଣା ଗ୍ରାମସ୍ଥିତ ଆମର୍ଲି ନଦୀରେ ଅସ୍ଥାୟୀ ହୁଡ଼ା ବାନ୍ଧି ପାଣି ସଂଗ୍ରହ କରି ଛବି ଚାଷ କରୁଥିଲେ। ଶୁକ୍ରବାର ଛବିଙ୍କ ୨ ଝିଅ ଜ୍ୟୋତି ଓ ଭାରତୀ ବାପାଙ୍କ ପାଇଁ ଖାଇବା ନେଇ ଜମିକୁ ଯାଇଥିଲେ। ଛବି ମଧ୍ୟାହ୍ନ ଭୋଜନ ସାରି କାମ କରିବାକୁ ଯାଇଥିଲେ। ଜ୍ୟୋତି ଓ ଭାରତୀ ଜମିରେ ଥିବା କୁଡିଆରେ ଖେଳିବା ଭିତରେ ଭାରତୀ ସେହି ପାଣିରେ ବୁଡ଼ି ଯାଇଥିଲେ। ତାଙ୍କର ସେଥିରେ ମୃତ୍ୟୁ ହୋଇଯାଇଛି। ଘଟଣା ସମ୍ପର୍କରେ ପରିବାର ଲୋକେ ଝରିଗାଁ ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ତପନ କୁମାର ପତିଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଓ ଦମକଳ ବାହିନୀ ମୃତଦେହ ଉଦ୍ଧାର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଡ଼ିଙ୍ଗା, ୧୫।୩(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ କୋକୋଡି ସେମଲା ପଞ୍ଚାୟତର ସେମଲା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ କୈଳାସ ସରାବୁ(୩୯)। ସୂଚନାନୁଯାୟୀ, ଶୁକ୍ରବାର ସକାଳେ କୈଳାସ ଶୌଚ ହେବାପାଇଁ ଗାଁ ନିକଟ ଖେଳ ପଡିଆର କାଜୁବାଡ଼କୁ ଯାଇଥିଲେ। ସେ କିନ୍ତୁ ସେଠାରୁ ଆଉ ଫେରି ନ ଥିଲେ। ଏହାପରେ କୈଳାସଙ୍କ ବାପା ରାଧାକାନ୍ତ ସରାବୁ ତାଙ୍କୁ ଖୋଜିଖୋଜି କରିଥିଲେ। ଏହି ସମୟରେ କାଜୁ ଗଛରେ କୈଳାସଙ୍କ ଝୁଲନ୍ତା ମୃତଦେହ ଦେଖି ସେ କୋଡିଙ୍ଗା ପୋଲିସକୁ ଏତଲା ଦେଇଥିଲେ। ପୋଲିସ ୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କୋଡିଙ୍ଗା ଥାନା ଏଏସ୍ଆଇ ହମିତ ମାଝି ସୂଚନା ଦେଇଛନ୍ତି।

# ୩ମାସ ହେବ ଖଟିଆରେ ରଥରାମ

- ଗଛରୁ ପଡ଼ି ଭାଙ୍ଗିଯାଇଛି ଗୋଡ଼
- ଚିକିତ୍ସାରେ ଅର୍ଥ ବାଧକ

ରାଇଘର, ୧୫।୩(କିରଣ ପଟ୍ଟନାୟକ)



ରଥରାମ ମାଝି

ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଡ଼ା ପଞ୍ଚାୟତ ମହୁଲପୋଡ଼ା ଗ୍ରାମର ରଥରାମ ମାଝିଙ୍କ ଗୋଡ଼ ୩ମାସ ହେବ ଭାଙ୍ଗିଯାଇଛି। ଫଳରେ ସେ ଏବେ ଶର୍ଯ୍ୟାଶାୟୀ। ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ରଥରାମ କୌଣସି ଏକ କାମରେ ଗଛରେ ଚଢ଼ିଥିବାବେଳେ ସେ ଖସି ପଡ଼ିଥିଲେ। ଏହା ଫଳରେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ପରିବାର ଲୋକେ ତାଙ୍କୁ ଉମରକୋଟସ୍ଥିତ ଏକ ବେସରକାରୀ ମେଡିକାଲକୁ ନେଇଯାଇଥିଲେ। ତାଙ୍କ ଗୋଡ଼ ହାଡ଼ ଭାଙ୍ଗି ଯାଇଥିବା ସେଠାରେ ଜଣାପଡ଼ିଥିଲା। ଭଲ ହେବା ପାଇଁ ଅସ୍ତ୍ରୋପ୍ରଚାର ଆବଶ୍ୟକତା ଥିବାବେଳେ ଟଙ୍କା ଅଭାବରୁ ପରିବାର ଲୋକେ ରଥରାମଙ୍କୁ ଘରକୁ ନେଇ ଆସିଥିଲେ। ସେବେଠାରୁ ରଥରାମ ଖଟିଆରେ ପଡ଼ିଛନ୍ତି। ଯନ୍ତ୍ରଣାରେ ଛଟପଟ ହେବା ଛଡ଼ା ତାଙ୍କ ପାଖରେ କୌଣସି ଉପାୟ ନାହିଁ। ସରକାର ମାଗଣା ଚିକିତ୍ସା ଯୋଗୀ ଦେବାକୁ ରଥରାମଙ୍କ ପରିବାର ଲୋକେ ଦାବି କରିଛନ୍ତି। ଏ ନେଇ ଏବିଡିଓ ବିଜୟ କୁମାର ସେଠୀଙ୍କୁ ପଚାରିବାରୁ ଏ ନେଇ କୌଣସି ଅଭିଯୋଗ କି ଖବର ନାହିଁ। ଗ୍ରାମକୁ ଯାଇ ତଦନ୍ତ କରିବା ପରେ ସରକାରୀ ନିୟମାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମୋବାଇଲ ଚୋରି ଅଭିଯୋଗରେ ୪ ଗିରଫ

ନବରଙ୍ଗପୁର, ୧୫।୩(ସଦାଶିବ ପ୍ରହରାଜ)

### ଅଭିଯୁକ୍ତଙ୍କ ନିକଟରୁ ୧୨ ଚୋରି ମୋବାଇଲ ଜବତ

ମୋବାଇଲ ଚୋରି ଘଟଣାରେ ନବରଙ୍ଗପୁର ପୋଲିସ ୪ ଜଣଙ୍କୁ ଗିରଫ କରିବା ସହ ୧୨ଟି ଚୋରି ମୋବାଇଲ ଜବତ କରିଛି। ଅଭିଯୁକ୍ତମାନେ ହେଲେ ବିଜରାଗୁଡ଼ା ଗ୍ରାମର ଆକାଶ କନ୍ଦପାନ(୨୨), ସୁରଜ ମାଝି (୨୦), ଉପେନ୍ଦ୍ର ହରିଜନ(୧୯) ଓ ତୁଳାରାମ ଜାନି(୩୨)।

ନବରଙ୍ଗପୁର ଥାନା ଅଧୀନ ଜାମ୍ବଗୁଡ଼ା ଗ୍ରାମର ବିଭୁଷିତ୍ ଭତ୍ରା, କେଶରୀଗୁଡ଼ା ଗାଁର ଦୁର୍ଯ୍ୟ ଜାନି ଓ ନବରଙ୍ଗପୁର ସହର ରାଜୁ ସାହିର ପ୍ରଫୁଲ୍ଲ କୁମାର ପାତ୍ରଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଜାନୁଆରୀ ୨୪ରୁ ଚଳିତ ମାସ ୭ ତାରିଖ ମଧ୍ୟରେ ଥାନାରେ ଏତଲା ହୋଇଥିଲା। ନବରଙ୍ଗପୁର ଥାନା ପୋଲିସ କେସ୍ ନଂ. ୫୩/୨୪, ୮୦/୨୪ ଓ ୧୧୦/୨୪ରେ ମାମଲା ରୁଜୁ କରାଯାଇଥିଲା। ଥାନାଧିକାରୀ ସମ୍ବିତ କୁମାର ବେହେରାଙ୍କ ନେତୃତ୍ୱରେ ଏସ୍ଆଇ ସବିର ଅହମ୍ମଦ ଓ କୁଳଭୂଷଣ ନାୟକ ଘଟଣାର ତଦନ୍ତ ଚଳାଇଥିଲେ। ପୋଲିସ ତଦନ୍ତବେଳେ ଘଟଣାରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ନେଇ ଜଣାପଡ଼ିବାରୁ ସେମାନଙ୍କୁ ଗିରଫ କରାଯାଇଛି। ପୋଲିସ ସେମାନଙ୍କଠାରୁ ୧୨ଟି ଚୋରି ମୋବାଇଲ ଜବତ କରିଛି ବୋଲି ନବରଙ୍ଗପୁର ପୋଲିସ ପକ୍ଷରୁ ସୂଚନା ମିଳିଛି।



ଗିରଫ ଅଭିଯୁକ୍ତ।

# ନାହାନ୍ତି ସ୍ଥାୟୀ ନିର୍ବାହୀ ଅଧିକାରୀ, ଅସୁବିଧା ଭୋଗୁଛନ୍ତି ଲୋକେ

ଉମରକୋଟ, ୧୫।୩ (ସନ୍ତୋଷ ଶତପଥୀ)

- ଉମରକୋଟ ପୌର ପରିଷଦ
- ୫ମାସରେ ଦାୟିତ୍ୱ ନେଲେଣି ୩ ଅଧିକାରୀ

ନବରଙ୍ଗପୁର ଜିଲାର ଦ୍ୱିତୀୟ ବୃହତମ ସହର ହେଉଛି ଉମରକୋଟ। କିନ୍ତୁ ବିଡ଼ମ୍ବନାର କଥା ଏତେ ବଡ ସହରର ପୌର ପରିଷଦ କାର୍ଯ୍ୟାଳୟରେ ୫ ମାସ ହେଲାଣି ସ୍ଥାୟୀ ନିର୍ବାହୀ ଅଧିକାରୀ ନାହାନ୍ତି। ଫଳରେ ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୫ ମାସ ମଧ୍ୟରେ ୩ ଅଧିକାରୀଙ୍କ ବଦଳି ହୋଇଗଲାଣି।

୨୬ ଅକ୍ଟୋବର ୨୦୨୩ରେ ଉମରକୋଟ ପୌର ନିର୍ବାହୀ ଅଧିକାରୀ ଋଷି ମାଝିଙ୍କୁ ବଦଳି କରାଯାଇଥିଲା। ୨୭ରେ ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥ ଦାୟିତ୍ୱ ନେଇ ୧୦ ଡିସେମ୍ବର ଯାଏ ରହିଥିଲେ। ଏହାପରେ ନବରଙ୍ଗପୁର ଜିଲାପାଳ ତେନ୍ତୁଳିଖୁଣ୍ଟି ତହସିଲରୁ ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେନିୟାଙ୍କୁ ଉମରକୋଟ ପୌର ନିର୍ବାହୀ ଅଧିକାରୀଭାବ ନିଯୁକ୍ତି ଦେଇଥିଲେ। ପୁଣି ଏବେ ମାସେ ହେବ ତାଙ୍କୁ ହଟାଇ ପୁଣି ଉମରକୋଟ ବିଡିଓଙ୍କୁ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ୫ ମାସରେ ୩ ଅଧିକାରୀ ଏହି ପଦବୀରେ ରହିଲେଣି। ଏଠାରେ କ'ଣ ପାଇଁ ଜଣେ ସ୍ଥାୟୀ ଅଧିକାରୀ ନିଯୁକ୍ତି ଦିଆଯାଉନି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଉମରକୋଟ ବ୍ଲକର ପ୍ରବଳ କାର୍ଯ୍ୟ ଥିବାବେଳେ ବିଡିଓଙ୍କୁ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱ ଦେବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

୧୪ ୱାର୍ଡ଼ ବିଶିଷ୍ଟ ଉମରକୋଟ ସହରର ଜନସଂଖ୍ୟା ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ। ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ସାନିଟେଶନ କାର୍ଯ୍ୟ ତଦାରଖ ଠିକ ସେ ହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସ୍ଥାୟୀ ନିବାହୀ ଅଧିକାରୀ ନଥିଲେ ଉନ୍ନୟନ କାର୍ଯ୍ୟ ମଧ୍ୟ ହୋଇପାରୁନି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଉନ୍ନୟନ କାର୍ଯ୍ୟ କରୁଥିବା ଠିକାଦାରମାନେ କାର୍ଯ୍ୟ କରି ବିଲ ନ ପାଇ ହଇରାଣ ହେଉଛନ୍ତି। ଥରେ ଅଧିକାରି ବଦଳି ହେଲେ ନୂଆ ଜଣଙ୍କୁ ଆର୍ଥିକ କ୍ଷମତା ଆସିବା ପାଇଁ ୧୫ ଦିନ ଲାଗି ଯାଉଛି। ନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ହୋଇ ପାରୁନି। ରାଜ୍ୟ ସରକାର ଯୋଜନା ଉପରେ ଯୋଜନା ଘୋଷଣା କରି ଚାଲିବାବେଳେ ଏହାକୁ କରିବା ପାଇଁ ଏକ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି ଜରୁରୀ ବୋଲି ଲୋକମାନେ କହିଛନ୍ତି। ସଧାରଣ ଜନତା ନିଜ ସମସ୍ୟା ନେଇ ପୌର ପରିଷଦକୁ ଗଲେ ନିର୍ବାହୀ ଅଧିକାରୀ ନଥିବାରୁ ନିରାଶ ହେଇ ଫେରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ଏକ ନିୟମିତ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ହେଉଛି।




# ସଂରକ୍ଷିତ ପଦବୀରେ ଅଣଆଦିବାସୀଙ୍କ ନିଯୁକ୍ତି, ପଦୋନ୍ନତିକୁ ବିରୋଧ

ନବରଙ୍ଗପୁର, ୧୫।୩(ସଦାଶିବ ପ୍ରହରାଜ)




ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା ଜନଜାତି ସୁରକ୍ଷା ମଞ୍ଚ ସଦସ୍ୟମାନେ।

### ନବରଙ୍ଗପୁର ଜିଲା ଜନଜାତି ସୁରକ୍ଷା ମଞ୍ଚର ଖବରଦାତା ସମ୍ମିଳନୀ

ନବରଙ୍ଗପୁର ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରେସ୍ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ନବରଙ୍ଗପୁର ଜିଲାରେ ଅଣ ଆଦିବାସୀମାନେ ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ହାତେଇ ନିଯୁକ୍ତି ଓ ପଦୋନ୍ନତି ପାଇଥିବା ନେଇ ମଞ୍ଚର ଜିଲା ସଭାପତି ଗୋପୀନାଥ ମାଝି, ସାଧାରଣ ସମ୍ପାଦକ ଲଛମନ ମାଝି, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜ୍ଜୁନ ଭତରା ଅଭିଯୋଗ କରିଥିଲେ।

ଗତ ୭ ତାରିଖରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶାସନ ବିଭାଗ ଚିଠି ସଂଖ୍ୟା ୬୯୪୭ ଅନୁଯାୟୀ ଅଣ ଆଦିବାସୀ ଯୁବତୀ ସୁଚିତ୍ରା ମାଝି, ବାପା ଜୟନ୍ତ ବାଘଙ୍କ ନାଁରେ ଏଫସିସି ନମ୍ବର ୦୧/୨୦୧୪ରେ ମାମଲା ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟରେ ବିଚାରାଧୀନ ରହିଛି। ଆଦିବାସୀଙ୍କ ପାଇଁ ସଂରକ୍ଷିତ ଆସନରେ ଓଡ଼ିଶା ରାଜସ୍ୱ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକୁ ପଦୋନ୍ନତି କରି ତାଙ୍କୁ ପୁରୀ ସହକାରୀ ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ସଂଘ ଅଭିଯୋଗ କରିଛି। ସେହିଭଳି ଉଲମା ଭତ୍ରା ଏବଂ ମାନସୀ ରଶ୍ମୀରାଣୀ ଅଦୁଙ୍କ ମାମଲା ବିଚାରାଧୀନ ଥିବା ସମୟରେ ସେମାନଙ୍କୁ କିଭଳି ମୁଖ୍ୟ କିରାଣୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ପଦୋନ୍ନତି ଦିଆଗଲା ବୋଲି ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି। ସରକାରୀ ନିଯୁକ୍ତି ନିୟମାବଳିକୁ ଉଲ୍ଲଘଂନ କରାଯାଇ ନିରୀହ ଆଦିବାସୀମାନଙ୍କ ସଂରକ୍ଷିତ ପଦକୁ ହଡ଼ପ କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ସେମାନଙ୍କ ପଦୋନ୍ନତି ବାତିଲ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ନବରଙ୍ଗପୁର ଜିଲାପାଳଙ୍କ ପ୍ରତିଷ୍ଠାନ ବିଭାଗରେ ଦୀର୍ଘ ବର୍ଷ ହେବ ଜଣେ କିରାଣୀ କାର୍ଯ୍ୟ କରିବା ଯୋଗୁ ଦୁର୍ନୀତି ଚାଲିଥିବା ନେଇ ମଞ୍ଚ ଅଭିଯୋଗ କରିଚି। ସେମାନଙ୍କୁ ତୁରନ୍ତ ସ୍ଥାନାନ୍ତର ଓ ଘଟଣାର ତଦନ୍ତ କରିବାକୁ ଦାବି କରାଯାଇଛି। କନ୍ଧ ଜାତିକୁ ଆକ୍ଷେପ କରି ଥିବା ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାସଙ୍କ ନାମରେ ଝରିଗାଁ ଥାନାରେ ଚଳିତ ମାସ ୧ ତାରିଖରେ ଏତଲା ଦିଆଯାଇଥିବା ବେଳେ ପୋଲିସ କେସ୍ ନମ୍ବର ୪୭/୨୪ ରେ ମାମଲା ରୁଜୁ କରି ଚୁପ୍ ବସିଛି। ତାଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସପ୍ତାହକ ମଧ୍ୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଦିବାସୀ ସମାଜ ଆନ୍ଦୋଳନ କରିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପ୍ରିତିକର ପରିସ୍ଥିତି ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ମଞ୍ଚ ଉପସଭାପତି ରତନ ମାଝି, ବୁଦୁ ଜାନୀ, ପଦ୍ମନ ସାନ୍ତା, ଉପଦେଷ୍ଟା ଶଶୀଧର ମାଝି, ନବରଙ୍ଗପୁର ବ୍ଲକ ସଭାପତି ଜିତରୁ ଜାନୀ, ସମ୍ପାଦକ ଗୌରହରି ନାୟକ, ଝରିଗାଁ ବ୍ଲକ କନ୍ଧ ସମାଜ ସଭାପତି ମୁରଲୀଧର ମାଝି ଓ ଉପସଭାପତି ପଦ୍ମନ ସନ୍ତା, ପରଜା ସମାଜ ଜିଲା ଉପସଭାପତି ଝାଡ଼େଶ୍ୱର ଜାନୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

